## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୭।୨୦୨୪

| | |
|---|---|
| ୨,୭୫,୩୯୭ ଟଙ୍କା | |
| ସୁନା | ୫୫୦ ମିଲିଗ୍ରାମ୍ |
| ରୁପା | ୨୩.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ବାବା ଅଭିରାମ ସରସ୍ୱତୀଙ୍କ ଜନ୍ମଦାତ୍ରୀ ନେତ୍ରମଣି ଦେବୀଙ୍କ ବିୟୋଗ



କଣାସ,୨୩।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶିଷ୍ୟ ବାବା ଅଭିରାମ ସରସ୍ୱତୀଙ୍କ ଜନ୍ମଦାତ୍ରୀ ଧର୍ମପରାୟଣା ମହିଳା ନେତ୍ରମଣୀ ଦେବୀଙ୍କ ୯୦ବର୍ଷ ବୟସରେ ସୋମବାର ଭୁବନେଶ୍ୱରଠାରେ ପରଲୋକ ହୋଇଛି। ପଲ୍ଲୀ ପଲ୍ଲବ ସାହିତ୍ୟ ସଂସଦ ପକ୍ଷରୁ ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଅର୍ଚ୍ଚିତା ଶ୍ରୀଚନ୍ଦନ, କବି ଅଜୟ କୁମାର ସେଠୀ, ବଡ଼ଗୋଠ ବିକାଶ ପରିଷଦ ପକ୍ଷରୁ ହେମନ୍ତ ପ୍ରଧାନ, ନିଖିଳ ଓଡ଼ିଶା ପ୍ରବକ୍ତା ପରିଷଦର ଜ୍ୟୋତିପ୍ରକାଶ ମିଶ୍ର, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ସନାତନ ସୁଧର୍ମା ସଭାପକ୍ଷରୁ ପ୍ରଭାକର ଦାସ, ସଂକୀର୍ତ୍ତନ ସଂଘ ପକ୍ଷରୁ କୃଷ୍ଣଚନ୍ଦ୍ର ସାହୁ, କବି କାଶୀନାଥ ପାଣିଗ୍ରାହୀ, ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଞ୍ଚଯୋଷୀ, ହେମନ୍ତ ମହାରଥୀ, ହେମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ନେତ୍ରମଣିଙ୍କ ସରଳ ସେବା ମନୋଭାବ ଓ ଆଧାମ୍ିକ ଚେତନା ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି କର୍ମକର୍ତ୍ତା କହିଛନ୍ତି।

# ଜଗନ୍ନାଥ ଧାମ ବିକାଶ ପାଇଁ କିଛି ନାହିଁ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ମଙ୍ଗଳବାର ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ ଆଗତ କରିଛନ୍ତି। ତେବେ ବଜେଟରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ କିଛି ଘୋଷଣା ହୋଇ ନ ଥିବା ବିରୋଧୀ ବିଜେଡି ଅଭିଯୋଗ ଆଣିଛି। ଏହି ବଜେଟ ନିରାଶ କରିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଥିବାବେଳେ ଭାଜପା ବଜେଟରେ ଓଡ଼ିଶାକୁ ଅଣଦେଖା କରାଯାଇ ନ ଥିବା କହିଛି। ବିଶେଷ କରି ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ରାଜ୍ୟବାସୀ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ବିପୁଳ ସମର୍ଥନ କରିଥିବାବେଳେ କେନ୍ଦ୍ର ବଜେଟରେ ଓଡ଼ିଶାର ବିକାଶ ପାଇଁ ସେଭଳି କିଛି ଆଖିଦୃଶିଆ ବ୍ୟବସ୍ଥା ନ ହୋଇଥିବାରୁ ବିଭିନ୍ନ ଦଳଗୁଡ଼ିକ କ୍ଷୋଭ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶାକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ସହାୟତା ପାଇଁ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଛି। କେନ୍ଦ୍ରରେ ଭାଜପା ସରକାର ଆସିବା ପରଠାରୁ ଓଡ଼ିଶାକୁ ବଜେଟରେ ଭଲ ଆର୍ଥକ ଅନୁଦାନ ମିଳୁଛି ବୋଲି ଭାଜପା ନେତା ମତବ୍ୟକ୍ତ କରି କହିଛନ୍ତି। ତେବେ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା ହୋଇ ନ ଥିବାରୁ ପୁରୀର ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ନିର୍ବାଚନ ବେଳେ ଭାଜପାର ତୁଙ୍ଗ ନେତାମାନେ ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ

### ବଜେଟ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା

ଘୋଷଣା କରିଥିବାବେଳେ ପୁରୀ ତଥା ଜଗନ୍ନାଥ ଧାମ ବିକାଶ ପାଇଁ ବଜେଟରେ କୌଣସି ଘୋଷଣା ନ ହେବାରୁ ପୁରୀ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପୁରୀ ପାଇଁ ବଜେଟରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଘୋଷଣା ହୋଇ ନ ଥିବାବେଳେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ କେନ୍ଦ୍ର ସରକାର ବଜେଟରେ ଘୋଷଣା କରିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜଗନ୍ନାଥପ୍ରେମୀ। ବଜେଟକୁ ନେଇ ସିପିଆଇଏମ୍ ନେତା ଶରତ କୁମାର ରାୟଗୁରୁ କହିଛନ୍ତି କି କେନ୍ଦ୍ର ବଜେଟ ଜନ ବିରୋଧୀ, ଅନ୍ତଃସାର ଶୂନ୍ୟ ଓ ଫମ୍ପା ମାଠିଆ ଅଟେ। ଚାଷୀ ଫସଲର ଏମ୍ଏସ୍‌ପି, ନୂଆ କଳ କାରଖାନା ଖୋଲି ବେକାରି ନିଯୁକ୍ତି, ୯ ଲକ୍ଷ ୭୯ ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ବଜେଟରେ ଘୋଷଣା ନାହିଁ । ଶ୍ରମଜୀବୀଙ୍କ ଆୟ ଓ ରୋଜଗାର ବୃଦ୍ଧି ପାଇଁ ମଧ୍ୟ କୌଣସି ଯୋଜନା ନାହିଁ। ମୁଦ୍ରାସ୍ଫୀତି ୪% ଏକ ଫମ୍ପା ଆୱାଜ ଅଟେ। ପେଟ୍ରୋଲ, ଡିଜେଲ, ଖାଦ୍ୟ ସାମଗ୍ରୀ ମହଙ୍ଗା କରି ସୁନା ରୁପା ଓ ପ୍ଲାଟିନମ ଶସ୍ତା କଲେ ମୁଦ୍ରାସ୍ଫୀତି କ'ଣ ନିୟନ୍ତ୍ରଣ ହେବ ବୋଲି ପ୍ରଶ୍ନ କରିଛନ୍ତି। ଆୟକର ଟ୍ୟାକ୍ସ ସ୍ଲାବ କମାଇବା ଦ୍ୱାରା ମଧ୍ୟବିତ୍ତଙ୍କ ପାଇଁ ନୈରାଶ୍ୟ ଆଣିଛି। ସେପଟେ କର୍ପୋରେଟ ଟିକସ ବଢ଼ିଲା ନାହିଁ। ଆୟ ପାଇଁ ଋଣ ଓ ରାଷ୍ଟ୍ରାୟତ୍ତ ସମ୍ପଦ ବିକ୍ରି ଉପରେ ସରକାର ନିର୍ଭର କରିବେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥାଇ ସୁଦ୍ଧା ଓଡ଼ିଶା ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ ବୋଲି ରାୟଗୁରୁ କହିଛନ୍ତି। ସେହିପରି ପୁରୀବାସିନ୍ଦା ତଥା ଯୁବ ଅଧିବକ୍ତା ଅନିଲ କୁମାର ସାହୁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଆସିବାପରେ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ ଦିଆଯିବ ବୋଲି କୁହାଯାଇଥିଲା। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରେ ନିର୍ବାଚନ ପୂର୍ବରୁ ରୋଡ ଶୋ' କରିଥିଲେ। ପୁରୀକୁ ବିଶ୍ୱସ୍ତରର ସହରରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବଜେଟରେ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଘୋଷଣା କରାଯାଇ ନାହିଁ। ଜଗନ୍ନାଥ ଧାମ ପାଇଁ କିଛି ବି ଆର୍ଥିକ ଅନୁଦାନ ଘୋଷଣା ହୋଇନାହିଁ, ଯାହା ସମସ୍ତଙ୍କୁ ନିରାଶ କରିଛି। ମଧ୍ୟବିତ୍ତ ଶ୍ରେଣୀ ବ୍ୟକ୍ତିଙ୍କ ପାଇଁ କୌଣସି ଘୋଷଣା ନାହିଁ। ପ୍ରଧାନମନ୍ତ୍ରୀ କିଛି ସ୍ୱତନ୍ତ୍ର ପ୍ୟାକେଜ ପୁରୀର ଉନ୍ନତି ପାଇଁ ଘୋଷଣା କରନ୍ତୁ ବୋଲି ସାହୁ କହିଛନ୍ତି। ପୁରୀର ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି, ଭାରତ ହେଉଛି ବିଶ୍ୱରେ ତୃତୀୟ ବିକାଶଶୀଳ ଦେଶ । ତେବେ ଆଜିର ବଜେଟରେ ସେପରି କୌଣସି ଆଖିଦୃଶିଆ ପ୍ରତିଫଳନ ଦେଖିବାକୁ ମିଳି ନାହିଁ। ଟ୍ୟାକ୍ସ ସ୍ଲାବ, କ୍ୟାନ୍ସର ଔଷଧ ଦାମ କମ୍ କରାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷପ। ଅପରପକ୍ଷରେ ପ୍ଲାଷ୍ଟିକ୍ ରେଟ ବୃଦ୍ଧି କରାଯାଇଛି। କୃଷି ବିଭାଗକୁ ପରୋକ୍ଷରେ ଧକ୍କା ଲାଗିଛି। ପୁରୀର ବିକାଶ ପାଇଁ ଏହି ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏହା କେବଳ ଲୋକଦେଖାଣିଆ ଥିବା ମିଶ୍ର କହିଛନ୍ତି। ସେହିଭଳି ମଧ୍ୟବିତ୍ତଙ୍କ ପାଇଁ ବଜେଟରେ ସେଭଳି ବିଶେଷ ବ୍ୟବସ୍ଥା ନ ଥିବାରୁ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଂଜୟ ଦାସ ବର୍ମା ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ଲୋକ ସଭାକୁ ୨୦ ସାଂସଦ ଦେଇଥିବା ଓଡ଼ିଶା ଆଜି ବଜେଟରେ ପ୍ରତାରିତ ହୋଇଛି। ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ଉପରେ କରାଯାଇଥିବା ଆଶା ନିରାଶାରେ ପରିଣତ ହୋଇଛି। ଅପରପକ୍ଷେ ବିହାର ଏବଂ ଆନ୍ଧ୍ର ପ୍ରଦେଶ ଅଧିକ ଅନୁଦାନ ପାଇଛନ୍ତି । ଆଜିର ବଜେଟ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ସ୍ପଷ୍ଟ ମତ ଦେଇଥିବା ଓଡ଼ିଶାବାସୀଙ୍କୁ ଡବଲ ଇଞ୍ଜିନ ସରକାର ନିରାଶ କରିଛି। ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାସ କହିଛନ୍ତି, ବଜେଟରେ ଓଡ଼ିଶାକୁ ପର୍ଯ୍ୟଟନ ବିକାଶ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିଭଳି ପୂର୍ବୋଦୟ ସୂର୍ଯ୍ୟୋଦୟରେ ଓଡିଶା ସାମିଲ ହୋଇଛି। କେନ୍ଦ୍ରରେ ଭାଜପା ସରକାର ଆସିବା ପର ଠାରୁ ଓଡିଶାକୁ ପ୍ରାଧାନ୍ୟ ଦିଆଯାଇଛି। କେବେବି ଓଡ଼ିଶାକୁ ଅବହେଳା କରାଯାଇନାହିଁ। ଭଲ ଆର୍ଥିକ ସହାୟତା ମିଳିବ। କଂଗ୍ରେସ ସମୟରେ ରାଜ୍ୟକୁ ସେପରି ସହଯୋଗ ମିଳି ନ ଥିଲା। ଡବଲ ଇଞ୍ଜିନ ସରକାର ରାଜ୍ୟରେ ଉନ୍ନତି ହେବ। ତେବେ ବଜେଟରେ ଅନେକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଦାସ କହିଛନ୍ତି।



ମଙ୍ଗଳବାର ପୁରୀ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନେ କୂଳରେ ଡଙ୍ଗା ରଖିଛନ୍ତି ।

# ଗୋଚାଲାଣ ବନ୍ଦ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମାରୁତି ସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଜଗନ୍ନାଥ ଢାବା ନିକଟରେ ଗୋଚାଲାଣ ଘଟଣାରେ ମାରୁତି ସେନା ଓ ବଜରଙ୍ଗ ଦଳର ସଦସ୍ୟଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ବିରୋଧ କରି ପୁରୀ ଜିଲା ମାରୁତି ସେନା ପକ୍ଷରୁ ଜିଲାପାଳଙ୍କ ଅଫିସରେ ଅତିରିକ୍ତ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ଗୋହତ୍ୟାକୁ ରୋକିବାକୁ ଯେଉଁ ଆଇନକାନୁନ ହୋଇଛି, ତାହା କାର୍ଯ୍ୟକାରୀ ନ ହୋଇ କେବଳ କାଗଜ କଲମରେ ସୀମିତ ରହୁଛି। ଗୋମାତାଙ୍କ ସୁରକ୍ଷାର ଦାୟିତ୍ୱ ପୋଲିସ ପ୍ରଶାସନର ହୋଇଥିଲେ ମଧ୍ୟ ବହୁତ ଜାଗାରେ ସେମାନେ ଟଙ୍କା ନେଇ ଗୋଚାଲାଣରେ ସାମିଲ ରହୁଛନ୍ତି। ତେଣୁ କେତେଜଣ ଗୋପ୍ରେମୀ ନିଜ ଜୀବନକୁ ବାଜି ଲଗେଇ ଗୋଚାଲାଣକୁ ସବୁବେଳେ ବିରୋଧ କରି ଆକ୍ରମଣର ଶିକାର ହେଉଛନ୍ତି। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଜଗନ୍ନାଥ ଢ଼ାବା ନିକଟରେ ଗୋଚାଲାଣ ଚାଲିଥିବା ଖବରପାଇ ମାରୁତି ସେନା ଓ ବଜରଙ୍ଗ ଦଳ ସଦସ୍ୟ ଗାଡ଼ିର ପିଛା କରିଥିଲେ। ଏହି ସମୟରେ ଗୋ ମାଫିଆମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ଆକ୍ରମଣରେ ମାରୁତି ସେନାର କେତେଜଣ ସଦସ୍ୟ ଆହତ ହେବା ସହ ଆକ୍ରମଣକାରୀ ସେମାନଙ୍କ ଗାଡ଼ି ଭାଙ୍ଗି ଦେଇଛନ୍ତି। ମାରୁତି ସେନାର ରାଜ୍ୟ ସଭାପତି ପପୁ ଦଳବେହେରାଙ୍କ ପରାମର୍ଶକ୍ରମେ ପୁରୀ ଜିଲା ମାରୁତି ସେନା ଜିଲାପାଳଙ୍କ ଅଫିସକୁ ଯାଇ ସେଠାରେ ଓଡ଼ିଶାରୁ ଗୋ ହତ୍ୟା ବନ୍ଦ ହେଉ ଓ ଆକ୍ରମଣକାରୀ ଗୋ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲିଖିତ ଆକାରରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପଦେଷ୍ଟା ସବିତା ମିଶ୍ର, ଜିଲା ଉପଦେଷ୍ଟା ଝାନ୍‌ସୀ ମିଶ୍ର, ଜିଲା ସଭାପତି କୁନା ମିଶ୍ର, ନଗର ସଭାପତି ବଳରାମ ବାରିକ୍, ଜୟଶ୍ରୀ ପାଢ଼ୀ, ସଞ୍ଜୟ କୁମାର ପରିଡ଼ା, ସସ୍ମିତା ବେଜ, ଲିଳିତା ପାତ୍ର, ଅନିଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ମାଆ ପାଇଁ ଗଛଟିଏ'

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ ନିର୍ମାଲ୍ୟ ଓ ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ପ୍ରେରଣାର ମିଳିତ ସହଯୋଗରେ ପୁରୀ ସଦରର ବିଭିନ୍ନ ଗ୍ରାମରେ ଚାରାରୋପଣ ଓ ସ୍ୱଚ୍ଛ ଗ୍ରାମ ଅଭିଯାନ କରାଯାଇଛି। 'ମାଆ ପାଇଁ ଗଛଟିଏ' ସ୍ଲୋଗାନ ସହ ଅନେକ ଗ୍ରାମ ପ୍ରଦକ୍ଷିଣ କରାଯାଇଛି। ନିର୍ମାଲ୍ୟର ସଭାପତି ପ୍ରକୃତିବନ୍ଧୁ ବଦ୍ରି ମିଶ୍ର ଓ ପ୍ରେରଣାର ରାଜ୍ୟ ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଏହାର ନେତୃତ୍ୱ ନେଇଥିଲେ। ସମ୍ପାଦକ ବିଶ୍ୱନାଥ ମିଶ୍ର, ରାଜେନ୍ଦ୍ର ମିଶ୍ର, ଶିବରାମ ପ୍ରଧାନଙ୍କ ସମେତ ଅନୁଷ୍ଠାନ କର୍ମକର୍ତ୍ତା ପୁରୀ ସଦର ବ୍ଲକ ଅଧୀନ ବାଲିପଡ଼ା, ଗଡ଼ ମୃଗଶିରା, ଢୋଲ, କାଳିଆକେରାରେ କଦମ୍ବ, ନିମ୍ବ, ଅର୍ଜୁନ ଓ କରଞ୍ଜ ଗଛ ଚାରା ଲଗାଇଛନ୍ତି। ଏଥିସହ ଏହି ଗ୍ରାମବାସୀଙ୍କ ସହ ଗ୍ରାମ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ 'ମାଆ ପାଇଁ ଗଛଟିଏ' ସଂକଳ୍ପ ନେଇ ସ୍ୱେଚ୍ଛାସେବୀ ମାଳତୀପାଟପୁର ଗ୍ରାମରେ କଦମ୍ବ ବୃକ୍ଷର ଚାରାରୋପଣ କରିଥିଲେ।

# ଜିଲାରେ ସର୍ବମୋଟ ୨୯୦ ମିଲିମିଟର ବର୍ଷା ରେକର୍ଡ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇଛି। ଏହାର ପ୍ରଭାବରେ ପୁରୀରେ ୨ ଦିନ ହେବ ପ୍ରବଳ ବର୍ଷା ଲାଗି ରହିଛି। ଲଘୁଚାପ କାରଣରୁ ସୋମବାର ଭଳି ମଙ୍ଗଳବାର ମଧ୍ୟ ସହରରେ ବର୍ଷା ଲାଗି ରହିଥିଲା। ଦିନ ସାରା ମଧ୍ୟମ ଧରଣର ବର୍ଷା ହୋଇ ଦିନ ତମାମ ଲାଗି ରହିଥିଲା। ଲଗାଣ ବର୍ଷା ଫଳରେ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷ କରି ତଳିଆ ଅଞ୍ଚଳରେ ଆସ୍ତେ ଆସ୍ତେ ବର୍ଷା ଜଳ ଜମିବା ଆରମ୍ଭ କରିଛି। ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଧୀବରମାନଙ୍କୁ ମାଛ ଧରିବାରେ ମଧ୍ୟ ବାରଣ କରାଯାଇଛି। ତେବେ ଦିନ ତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ଅନେକ ପର୍ଯ୍ୟଟକ ଅଶାନ୍ତ ସମୁଦ୍ରରେ ବିପଦସଙ୍କୁଳ ଭାବରେ ଗାଧୋଉଥିବା ଦେଖିବାକୁ ମିଳିଥିଲା। ତେବେ ଲାଇଫ୍ ଗାର୍ଡମାନଙ୍କ ପକ୍ଷରୁ ସେମାନଙ୍କୁ ବାରଣ କରାଯିବା ସହ ବେଳାଭୂମିରେ ନାଲି ପତାକା ଲଗାଯାଇ ପର୍ଯ୍ୟଟକମାନଙ୍କୁ ସତର୍କ କରାଯାଇଥିଲା। ଲଗାଣ ବର୍ଷା କାରଣରୁ ବଡ଼ଦାଣ୍ଡର ଅନେକ ସ୍ଥାନରେ ଅନେକ ସମୟ ଧରି ପାଣି ଜମା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଦିନତମାମ ବର୍ଷା ଯୋଗୁ ପୁରୀ ସହର ପ୍ରାୟତଃ ମାନବ ଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ପାଣିପାଗ ବିଭାଗ ସୂଚନା ମୁତାବକ, ମଙ୍ଗଳବାର ଜିଲାରେ ୨୯୦ ମିଲି ମିଟର ବର୍ଷା ହୋଇଛି। ତେବେ ବ୍ଲକ ଅନୁସାରେ ଅସ୍ତରଙ୍ଗରେ ୨୮ ମିଲିମିଟର, ଡେଲାଙ୍ଗରେ ୧୫ ମିଲିମିଟର, ଗୋପରେ ୨୭ ମିଲିମିଟର, କାକଟପୁରରେ ୨୯ ମିଲିମିଟର, କଣାସରେ ୧୦ ମିଲିମିଟର, କୃଷ୍ଣପ୍ରସାଦରେ ୪ ମିଲିମିଟର, ନିମାପଡ଼ାରେ ୧୨ ମିଲିମିଟର, ପିପିଲିରେ ୫ ମିଲିମିଟର, ପୁରୀରେ ୧୦୫.୦ ମିଲିମିଟର, ସତ୍ୟବାଦୀ ୧୭ ମିଲିମିଟର ବର୍ଷ ହୋଇଛି। ଏହିପରି ଜିଲାରେ ସର୍ବମୋଟ ୨୯୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଥିବାବେଳେ ହାରାହାରି ୨୪.୧୭ ମିଲିମିଟର ବର୍ଷ ରେକର୍ଡ ହୋଇଛି।

# ଅନ୍ତ୍ୟୋଦୟ କାର୍ଡରେ ଜାଲିଆତି

ଯୋଗେଶ୍ୱରପୁର,୨୩।୭(ରଶ୍ମିରଞ୍ଜନ ସାହୁ)

ଜଣେ ଗରିବ ଶ୍ରେଣୀର ଲୋକଙ୍କ ଅନ୍ତ୍ୟୋଦୟ ଯୋଜନା କାର୍ଡକୁ ଡିଲର ୧୦ବର୍ଷ ହେଲା ମାଗିକରି ନେଇ ନ ଫେରେଇବା ଫଳରେ ଗରିବ ବ୍ୟକ୍ତି ଜଣକ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଯେ, ପୁରୀ ଜିଲା ଗୋପ ବ୍ଲକ ଅଧୀନ ଈଶାଣପୁର ପଞ୍ଚାୟତର ଅନିତା ଦାସ, କଦପାଟଣା ଗ୍ରାମର (ହରିଜନ) ଶ୍ରେଣୀର ମହିଳା ହୋଇଥିବାରୁ ସେ ମୂଲଲାଗି ପେଟ ପୋଷନ୍ତି। ତାଙ୍କ ଚାଳ ଘର ମାଟି କାନ୍ଥ ଥିବାବେଳେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ପ୍ରତି ମାସରେ ୩୫ କିଲୋ ଚାଉଳ ମିଳୁଥିଲା। ଡିଲର ବେଣୁଧର ସାହୁ ତାଙ୍କ କାର୍ଡ ମାଗି କରି ନେଇ ଆଉ ଫେରାଇ ନ ଥିଲେ। ଅନିତାଙ୍କ ଶ୍ୱଶୁର ମକରା ଦାସ ଡିଲର



ବେଣୁଧରଙ୍କୁ ପଚାରିବାରୁ, ସେ ତାଙ୍କର ଏକ ନୂତନ ରାଶନ କାର୍ଡ କରେଇ ଦେବି କହି ଅନ୍ତ୍ୟୋଦୟ କାର୍ଡ ଉପରେ ଅନ୍ୟ ଜଣଙ୍କ ନାମରେ ଉକ୍ତ କାର୍ଡକୁ ଜାଲିଆତି କରାଯାଇ ଦେଶୁଣ୍ଡି ଗ୍ରାମର ୨ ମହଲା କୋଠା ଥିବା ଜଣେ ମହିଳାଙ୍କୁ ଅନ୍ତ୍ୟୋଦୟ ଚାଉଳ ଦିଆଯାଉଥିବା ଅନିତା ଓ ତାଙ୍କ ସ୍ୱାମୀ- ପ୍ରଦୀପ୍ତ କୁମାର ଦାସ ଅଭିଯୋଗ କରିଛନ୍ତି। ଦୀର୍ଘ ୧୦ ବର୍ଷ ହେଲା ଗରିବ ଲୋକର ଚାଉଳ ଧନୀ ଶ୍ରେଣୀର ଲୋକ ନେଉଛନ୍ତି। ଏ ସମ୍ପର୍କରେ ଡିଲର ମକରା ଦାସଙ୍କୁ ପଚାରିବାରୁ, ଅନିତାଙ୍କ କାର୍ଡ କଟିଯାଇଥିବା କହିଥିଲେ। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ, ତାଙ୍କ ପାଖରେ ଅଭିଯୋଗ ହୋଇଛି। ଏଥିନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି ପ୍ରକୃତରେ ଗରିବ ଲୋକଟିର ଚାଉଳ କୋଠା ଘରର ବ୍ୟକ୍ତି ନେଉଥାନ୍ତି, ତେବେ ତାଙ୍କଠାରୁ ସୁଧ ମୂଳ ସହିତ ସରକାରୀ ଧନ ଆଦାୟ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

# ଶଟର ତାଡ଼ି ନେଇଗଲେ ୨.୫ ଲକ୍ଷ

କଟକ,୨୩।୭ (କାର୍ତ୍ତିକ ସାହୁ)

କଟକ ଜିଲା ମଧୁପାଟଣା ଥାନା ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନର ଲୁହା ଶଟର ତାଡି ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଦୋକାନରୁ ୨.୫ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଦୋକାନ ମାଲିକ ଦେବେନ୍ଦ୍ର କୁମାର ସାହୁ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୨/୨୪) ରୁଜୁ କରିଛି। ଏଥିସହ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଚୋରି ବେଳର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ପୋଲିସ ଉକ୍ତ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ସେଥିରୁ ଅନେକ କିଛି ପ୍ରମାଣ ମିଳିଛି, ଯାହା ତଦନ୍ତରେ ସହାୟକ ହେବ ବୋଲି ପୋଲିସ ଆଶାବାଦୀ ରହିଛି। ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ୪ ଜଣ ଦୁର୍ବୃତ୍ତ ଉକ୍ତ ଦୋକାନ ନିକଟରେ ପହଞ୍ଚି ଶଟରରେ ପଡିଥିବା ତାଲା ତାଡ଼ି ଦେଇଥିଲେ। ଶଟରକୁ ତାଡ଼ି ବାହାର କରିଦେବା ପରେ ଦୋକାନ ମଧ୍ୟରେ ପଶି କଳା କାରନାମା ଦେଖାଇଥିଲେ। ଧଳା ଶାର୍ଟ ଓ ଧୂସର ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଜଣେ ଯୁବକ ଶଟର ତଳ ଦେଇ ଦୋକାନ ଭିତରକୁ ଆସିଥିଲେ। ସେ ହାତରେ ଗୋଟିଏ ଟର୍ଚ୍ଚ ଧରି ଆଖପାଖକୁ ଦେଖିଥିଲେ। ପରେ କ୍ୟାଶ୍ କାଉଣ୍ଟର ଭିତରେ ପଶି ୨/୩ଟି ଡ୍ରୟାରକୁ ଟାଣି ଦେଖିଥିଲେ। ହେଲେ ଡ୍ରୟାରଗୁଡ଼ିକରୁ କିଛି ପାଇ ନ ଥିଲେ। ପରେ କ୍ୟାଶ୍ ଥିବା ଡ୍ରୟାରକୁ ତାଡ଼ି ତାଲା ଭାଙ୍ଗି ଦେଇଥିଲେ। କେତେକ ଟଙ୍କାବିଡ଼ା ବାହାର କରି ଟେବୁଲରେ ରଖିଥିଲେ। ସେଠାରେ ଥିବା ଏକ କ୍ୟାରି ବ୍ୟାଗ୍‌ରେ ଟଙ୍କା ବିଡ଼ାଗୁଡ଼ିକୁ ଭର୍ତ୍ତି କରିଥିଲେ। ସେଠାରୁ ଦୋକାନର ଅନ୍ୟ ଜାଗାକୁ ଯାଇ ଖୋଜାଖୋଜି କରୁଥିବା ଶବ୍ଦରୁ ଜଣାପଡିଛି। ମାତ୍ର ଦୋକାନ ମଧ୍ୟରୁ ଅନ୍ୟ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟରାସ୍ତା ମରଣଯନ୍ତା

ନିମାପଡ଼ା,୨୩।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଧୀନ ୪ନଂ. ୱାର୍ଡରେ ଥିବା ହାଇସ୍କୁଲଠାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ମୁଖ୍ୟରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ବହୁ ଖାଲଖମା ଓ ବର୍ଷା ଆଣ୍ଠୁଏ ପାଣି ଜମା ହୋଇ ବୁଡ଼ି ଯାଉଥିବାରୁ ସାଧାରଣରେ ଯାତାୟାତ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଭଳି ରାସ୍ତାରେ ମେଡିକାଲକୁ ଯାଉଥିବା ବିଭିନ୍ନ ଯାନବାହାନ ଓ ଆମ୍ବୁଲାନ୍ସ ଯାତାୟାତରେ ଘୋର ଅନ୍ତରାୟ ସୃଷ୍ଟି ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତ ପାଇଁ ଥିବା ମୁଖ୍ୟ ରାସ୍ତାଟିରେ ଦୈନିକ ଦେବୀ ମଣ୍ଡପ ସାହି, ଅମୁଣିଆପାଟଣା, ଜଇନାବାଦ ଗ୍ରାମବାସୀଙ୍କ ସମେତ ଅନେକ ଜନସାଧାରଣ, ଶହ ଶହ ଯାନବାହାନ ଚଳାଚଳ କରିଥାଏ। ଦୀପ ତଳ ଅନ୍ଧାର ସଦୃଶ ଏନ୍ଏସି ଅଫିସ ଓ ଅଫିସ ପ୍ରାଚୀରକୁ ଲାଗି ଏହି ରାସ୍ତାଟି ରହିଛି। ହେଲେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଏ ଦିଗରେ ଆଦୌ ଦୃଷ୍ଟି ପଡୁ ନ ଥିବା ବହୁ ପୌରବାସୀ ଅଭିଯୋଗ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମୁଖ୍ୟରାସ୍ତାର ପୁନରୁଦ୍ଧାର, ପକ୍କା ଚଉଡ଼ା, ଫେବର ରାସ୍ତା ନିର୍ମାଣ ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ଦୀର୍ଘ ୬ ମାସ ତଳେ ଏନ୍ଏସି ପକ୍ଷରୁ ଟେଣ୍ଡର କରାଯାଇଥିଲା। ୪ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟିବା ଯୋଗୁ ରୋଗୀ ଓ ସାଧାରଣ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଅନାଥ ସାହୁଙ୍କୁ ପଚାରିବାରେ, କେତେଜଣ ଲୋକ ଏହି ରାସ୍ତାକୁ ଜବରଦଖଲ କରିବା ଯୋଗୁ ଓ ନିର୍ବାଚନ ଆଚରଣବିଧି ଲାଗୁ ଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଟିକେ ବିଳମ୍ବ ଘଟିଛି। ହେଲେ ଏବେ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଗଚ୍ଛିତ କରାଗଲାଣି। ଖୁବ୍‌ଶୀଘ୍ର ପକ୍କା ଫେବର ରାସ୍ତା ନିର୍ମାଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ସାହୁ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହି ମୁଖ୍ୟାରାସ୍ତା ନିର୍ମାଣ କରାଯିବାକୁ ପୂର୍ବତନ କାଉନସିଲର ସନ୍ତୋଷ ଓଝା, ପୂର୍ଣ୍ଣଚନ୍ଦ୍ର ସାହୁ, କାଶୀନାଥ ବେହେରା ପ୍ରମୁଖ ଏନ୍ଏସି କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।



ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟରାସ୍ତା ବର୍ଷାପାଣିରେ ବୁଡ଼ି ଯାଇଛି।

# ବହୁଳ ବର୍ଜ୍ୟ ଉତ୍ପନ୍ନକାରୀଙ୍କୁ ବୁଝାଇଲା ବିଏମ୍‌ସି

ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)


ବିଏମ୍‌ସି କାର୍ଯ୍ୟାଳୟରେ ବଲ୍କ ୱେଷ୍ଟ ଜେନେରେଟର୍ସଙ୍କ ଦକ୍ଷତା ବୃଦ୍ଧି ଶିବିର।

୨୦୧୬ରେ କେନ୍ଦ୍ର ସରକାର କରିଥିବା ନିୟମ ଅନୁଯାୟୀ, ଦୈନିକ ୧୦୦ କିଲୋଗ୍ରାମରୁ ଅଧିକ ବର୍ଜ୍ୟ ଉତ୍ପନ୍ନ କରୁଥିବା ହୋଟେଲ, ବାଣିଜ୍ୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ବହୁଳ ବର୍ଜ୍ୟ ଉତ୍ପନ୍ନକାରୀ (ବଲ୍କ ୱେଷ୍ଟ ଜେନେରେଟର୍ସ) ଶ୍ରେଣୀରେ ଅନ୍ତର୍ଭୁକ୍ତ ହେବେ। ଏମାନେ ନିଜ ପ୍ରତିଷ୍ଠାନରୁ ବାହାରୁଥିବା ବର୍ଜ୍ୟକୁ ନିଜ ଜାଗାରେ ପ୍ରକ୍ରିୟାକରଣ କରିବେ। ମାତ୍ର ଏହି ନିୟମକୁ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ହୋଟେଲ, ବାଣିଜ୍ୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ପାଳନ କରୁନାହାନ୍ତି। ସେହିପରି ବଲ୍କ ୱେଷ୍ଟ ଜେନେରେଟର୍ସମାନେ ବର୍ଜ୍ୟ ପରିଚାଳନା ସମ୍ପର୍କିତ ହିସାବ ବା ଲଗ୍‌ବୁକ୍ ମେଣ୍ଟେନ କରିବାକୁ ବାଧ୍ୟ। ଅନୁଷ୍ଠାନ ବା ପ୍ରତିଷ୍ଠାନରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟରୁ ବିଏମ୍‌ସି ବା ଅନ୍ୟ କାହାକୁ କେତେ ଦେଉଛନ୍ତି, କେତେ ନିଜେ ପରିଚାଳନା କରୁଛନ୍ତି ଆଦି ଏହି ଲଗ୍‌ବୁକ୍‌ରେ ଦୈନିକ ଉଲ୍ଲେଖ କରାଯିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଏହି ନିୟମକୁ ମାନି କାମ କରିବାକୁ ବିଏମ୍‌ସି ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରିବା ସହ ଏନେଇ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ। ଏନେଇ ଅଧିକ ଜାଣିବାକୁ ଚାହିଁଲେ ବା ସହାୟତା ଦରକାର ହେଲେ ସେମାନେ 'ସଫା ଭୁବନେଶ୍ୱର ଆପ୍'ରେ ଅବଗତ ହୋଇପାରିବେ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ବଲ୍କ ୱେଷ୍ଟ ଜେନେରେଟର୍ସଙ୍କ ଦକ୍ଷତା ବୃଦ୍ଧି ନେଇ ଏକ ଶିବିରର ଆୟୋଜନ କରାଯାଇଥିଲା। ମେୟର ଦାସ ଯୋଗଦେଇ ଯାହାର ଯେଉଁଠାରେ ଖାଲିସ୍ଥାନ ରହିଛି, ସେଠାରେ ବୃକ୍ଷ ରୋପଣ କରିବାକୁ ନିବେଦନ କରିବା ସହ ଏଥିପାଇଁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ଚାରା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅପରପକ୍ଷେ ବଲ୍କୱେଷ୍ଟ ଜେନେରେଟର୍ସମାନେ ସରକାରୀ ନିୟମ ମାନି ଚଳିବାକୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ପରାମର୍ଶ ଦେଇଛନ୍ତି। ଜରିମାନା ଆଦାୟ କରିବା କିମ୍ବା ଦଣ୍ଡବିଧାନ କରିବା ବିଏମ୍‌ସିର ଉଦ୍ଦେଶ୍ୟ ନୁହେଁ, ଜନ ସଚେତନତା ସୃଷ୍ଟି କରିବା ସହ ସରକାରଙ୍କ ନିୟମ କିପରି ବାସ୍ତବରେ ରୂପାୟନ ହୋଇପାରିବ ସେ ନେଇ ସମସ୍ତେ ସହଯୋଗ କରିବାକୁ କମିଶନର ଆହ୍ୱାନ ଦେଇଛନ୍ତି। ଶିବିରରେ ଦୈନିକ ୧୦୦ କେଜିରୁ ଅଧିକ ବର୍ଜ୍ୟ ଉତ୍ପନ୍ନ କରୁଥିବା ହୋଟେଲ, ବାଣିଜ୍ୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଆବାସିକ କଲ୍ୟାଣ ସଂଘର ୧୬୨ଜଣ ପ୍ରତିନିଧି ଯୋଗଦେଇ ଥିଲେ। ବଲ୍କୱେଷ୍ଟ ଜେନେରେଟର୍ସମାନେ କିପରି ସହଜରେ ଏବଂ ବିନା ଖର୍ଚ୍ଚରେ ଓଦା ବର୍ଜ୍ୟର ପ୍ରକ୍ରିୟାକରଣ କରିପାରିବେ ଏବଂ ଏଥିରୁ କିପରି ଖତ ଓ ବାୟୋମିଥେନ୍ ଗ୍ୟାସ୍ ଉତ୍ପାଦନ କରାଯାଇ ପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ବର୍ଜ୍ୟ ପ୍ରକ୍ରିୟାକରଣ କରୁଥିବା ସଂସ୍ଥାର ବିଶେଷଜ୍ଞମାନେ ଏ ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସହକାରୀ କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ପରିମଳ ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ।

### 'ନିଜ ବର୍ଜ୍ୟ ନିଜ ପରିସରରେ ପରିଚାଳନା କରିବା ସହ ହିସାବ ରଖ'

# ୩ ପ୍ରସ୍ତାବକୁ ମୋହର ମାରିଲା ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି


ଷ୍ଟାଣ୍ଡିଂ କମିଟି ବୈଠକରେ ଅଧ୍ୟକ୍ଷ ମିହିର କୁମାର ରାଉତଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ବୈଠକ ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡିକୁ କର୍ପୋରେଶନ ଡିସି ପ୍ରିୟବ୍ରତ ପାଢୀ ପାଠ କରିଥିଲେ। ସେହି ସୁପାରିସଗୁଡିକ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରୁ କଟାଯାଉଥିବା ଡାଲଗୁଡିକୁ ଛୋଟଛୋଟ କରିବା ପାଇଁ ଦୁଇଟି ଚିପିଂ ମେଶିନ କିଣିବା, ମକ୍ତା ଅଧୀନରେ ହୋଇଥିବା ସୌନ୍ଦର୍ଯ୍ୟକରଣର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ପାର୍କ ଉପବିଭାଗକୁ ହସ୍ତାନ୍ତର କରିବା ଏବଂ ପାର୍କଗୁଡିକର ଗଛ କାଟିବା ପାଇଁ ଆବଶ୍ୟକ ହେଉଥିବା ଉପକରଣ କ୍ରୟ ଦାୟିତ୍ୱ ପରିବେଶ ଉପବିଭାଗକୁ ହସ୍ତାନ୍ତର କରିବା ଆଦି ୩ଟି ପ୍ରସ୍ତାବ ଉପରେ ଷ୍ଟାଣ୍ଡିଂ କମିଟିର ମୋହର ବାଜିବା ପରେ କର୍ପୋରେଶନ୍‌ର ବିଚାର ପାଇଁ ସୁପାରିସ କରାଯାଇଛି। ବିଏମ୍‌ସି ପକ୍ଷରୁ ସବୁଜ ଭୁବନେଶ୍ୱର ଅଭିଯାନ ଜାରି ରହିଥିବାରୁ ପଡିଆ ଜମିରେ ବ୍ୟାପକ ବୃକ୍ଷରୋପଣ କରିବାକୁ କମିଟି ପକ୍ଷରୁ ନାଗରିକଙ୍କୁ ଅନୁରୋଧ କରାଯାଇଛି। କମିଟି ଅଧ୍ୟକ୍ଷ ମିହିର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ସଦସ୍ୟ, ସଦସ୍ୟାଙ୍କ ସହ କର୍ପୋରେଶନର ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, କାଜଲ ପ୍ରଧାନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ସାଲେପୁର କୋର୍ଟ, ବାର୍ ସମସ୍ୟାର ତ୍ୱରିତ ସମାଧାନ ହେବ'

ସାଲେପୁର, ୨୩।୭(ଅରବିନ୍ଦ ଭୂୟାଁ)

ସାଲେପୁର କୋର୍ଟର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବାର୍ ଆସୋସିଏଶନ ସଭାପତି ବିକ୍ରମ କେଶରୀ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ବିଭୁପ୍ରସାଦ ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ସେ ସାଲେପୁର କୋର୍ଟ ଓ ବାର୍‌ରେ ଥିବା ସମସ୍ୟାଗୁଡିକୁ ତ୍ୱରିତ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲା ଜଜ୍ ହିରଣ ମୟ ବିଶୋଇ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବାର ଆସୋସିଏଶନ୍‌ର ପୂର୍ବତନ ସଭାପତି ଜଗବନ୍ଧୁ ସାହୁ ଏବଂ ରାଜ୍ୟ ବାର କାଉନ୍‌ସିଲ୍‌ର ସଭ୍ୟ ଆଇନ୍‌ଜୀବୀ ମାନସ କୁମାର ଚାନ୍ଦ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଚେୟାରମ୍ୟାନ ବିଜୟ କେତନ ନାୟକ, ବାର୍ ଆସୋସିଏଶନ୍‌ର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ବାର ଆସୋସିଏଶନ୍ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ବାର ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।


ସାଲେପୁର କୋର୍ଟର ୪୧ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# 'ଜନ୍ମମାଟି'ରେ ଗାଁ, କୃଷକର କାହାଣୀ


ନାଟକ 'ଜନ୍ମମାଟି'ର ଏକ ଦୃଶ୍ୟ।

### ନାଟକ ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର, ୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସହରର ଚାକଚକ୍ୟରେ ଆକର୍ଷିତ ହୋଇ ଗାଁର ଶିକ୍ଷିତ ଲୋକ ସହରକୁ ଚାଲିଯାଆନ୍ତି। ତାଙ୍କ ପଛେ ପଛେ ଅପାଠୁଆମାନେ ମଧ୍ୟ ଗାଁ ଛାଡ଼ି ସହରକୁ ଯାଇ ମଜୁରି ଲାଗନ୍ତି। ଗାଁରେ ରହିଯାଆନ୍ତି କିଛି ଅର୍ଦ୍ଧଶିକ୍ଷିତ, ବୟସ୍କ ଓ ଛୋଟ ପିଲା। କଠିନ ପରିଶ୍ରମ କରି ଏଠି କୃଷକ ଟିକେ ଉନ୍ନତି କଲେ, ସେହି ଅର୍ଦ୍ଧଶିକ୍ଷିତମାନେ ଈର୍ଷାରେ ଜଳିଯାଆନ୍ତି। ଏମିତିକି କୃଷକର ସର୍ବନାଶ କରିବା ପାଇଁ ପଛାନ୍ତି ନାହିଁ। ଅନ୍ୟପଟେ ବନ୍ୟା, ବାତ୍ୟା, ଅନାବୃଷ୍ଟିରେ ଶ୍ରୀହୀନ ହୋଇ ଉଠେ ଜନ୍ମମାଟି। ଜନ୍ମମାଟିର କରୁଣ ଚିତ୍କାର ଗାଁରେ ରହୁଥିବା କୃଷକର ହୃଦୟକୁ ସିନା ବିଦାରି ଦିଏ, ହେଲେ, ଗାଁକୁ ଛାଡି ସହରରେ ରହୁଥିବା ମଣିଷଙ୍କ ଉପରେ ସାମାନ୍ୟତମ ପ୍ରଭାବ ପକାଏ ନାହିଁ। ସତରେ କ'ଣ ଜନ୍ମମାଟି ସବୁଦିନ ପାଇଁ ଶ୍ରୀହୀନ ହୋଇଯିବ। ଗାଁକୁ ଛାଡି ଯାଇଥିବା ତା'ର ପୁଅମାନେ ଗାଁକୁ ଫେରି ତାକୁ ଆଉଥରେ ସମ୍ପୂର୍ଣ୍ଣ ଶସ୍ୟଶ୍ୟାମଳା କରିବେ ନାହିଁ। ଏଭଳି ଏକ ଆବେଗଭରା କାହାଣୀକୁ ନେଇ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ଜନ୍ମମାଟି'। ଓଡ଼ିଆ ନାଟ୍ୟ ଜଗତର ପ୍ରବାଦ ପୁରୁଷ, ନାଟ୍ୟକାର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଛି ୫ ଦିନିଆ ନାଟକ ଉତ୍ସବ। ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଜନ୍ମମାଟି' ଦର୍ଶକଙ୍କୁ କିଛି ସମୟ ଗାଁ ସମ୍ପର୍କରେ ଚିନ୍ତା କରିବାକୁ ବାଧ୍ୟ କରିଥିଲା। ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ'ର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ବିଜୟ ପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ମୁରଲୀଧର ଦାଶ, ପ୍ରଳୟ ଶତପଥୀ, ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ ପ୍ରମୁଖ ଅଭିନୟ କରିଥିଲାବେଳେ ମୁରଲୀଧର ଦାଶ ଓ ସୁରେନ୍ଦ୍ର ପାଢ଼ୀ ସହ-ନିର୍ଦ୍ଦେଶନା ଦେଇଛନ୍ତି। ଉତ୍ସବରେ ଅତିଥିଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ଦାସ ଓ ରାଜୀବ ପାଣି ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପରିଚାଳନା କରିଥିଲେ।

# ଦୁର୍ଗନ୍ଧରେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଆନନ୍ଦ ବଜାର



ପୁରୁଣା ଭୁବନେଶ୍ୱର, ୨୩।୭(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପ୍ରସାଦ ସେବନ ଲାଗି ରହିଛି ଆନନ୍ଦ ବଜାର। ୮ଦିନ ହେବ ଆନନ୍ଦ ବଜାର ପାର୍ଶ୍ୱରେ ବାଉଁଶ ଝୁଡ଼ିରେ ପଡ଼ିରହିଛି ଅଇଁଠା ପତ୍ର। ଏଗୁଡ଼ିକ ବର୍ଷାରେ ଓଦା ହୋଇଯିବା ଦ୍ୱାରା ପଚିଷଡ଼ି ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଭକ୍ତମାନେ ଆନନ୍ଦବଜାର ତଳେ ପ୍ରସାଦ ବିକ୍ରି ସ୍ଥାନରେ ଏଠି ସେଠି ପ୍ରସାଦ ସେବନ ଲାଗି ବାଧ୍ୟ ହେଉଛନ୍ତ। ମନ୍ଦିରର ଏଭଳି ପରିବେଶର ଅବ୍ୟବସ୍ଥାକୁ ନେଇ ପରିବେଶବିତ୍ ସୁଶାନ୍ତ ସାହୁ ଉଦ୍‌ବେଗ ପ୍ରକାଶ କରିବା ସହ ଆନନ୍ଦ ବଜାରରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡ଼ିକୁ ପରିଷ୍କାର କରିବା ଆବଶ୍ୟକ ବୋଲି କହିଛନ୍ତି। ମନ୍ଦିର କର୍ତ୍ତୃପକ୍ଷ ତଥା ପ୍ରଶାସନ ଏହି ସମସ୍ୟାର ସମାଧନ ଲାଗି ତୁରନ୍ତ ପଦକ୍ଷେପ ନେବା ପାଇଁ ସାହୁ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

### ପଡ଼ିରହିଛି ଅଇଁଠାପତ୍ର, ସାଧାରଣରେ ଅସନ୍ତୋଷ

# ଶିଶୁ ପ୍ରତିଭା ପ୍ରତିଯୋଗିତା



ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ପରିଷଦ ପରିସରରେ ଶିଶୁ ପ୍ରତିଭା ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି।

ପୁରୁଣା ଭୁବନେଶ୍ୱର, ୨୩।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ପରିଷଦ ପରିସରରେ ଶିଶୁ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ୫ଟି ବିଭାଗରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କର୍ପୋରେଟର ଶିବନାରାୟଣ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଷଦର ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ, ମାନସ ରଞ୍ଜନ ପଟ୍ଟନାୟକ, ଚିତ୍ରସେନ ବିଶୋୟୀ, ଗଣେଶ ପ୍ରଧାନ, ବିଶ୍ୱରଞ୍ଜନ ଚୌଧୁରୀ, ନୀଳ ମାଧବ ନନ୍ଦ, ଶଙ୍କର ମହାପାତ୍ର, ଗୋରାଚାନ୍ଦ ପଟ୍ଟନାୟକ, ସୋନାଲ ଆଚାର୍ଯ୍ୟ, ସନ୍ତୋଷ ମହାନ୍ତି ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଅଗଷ୍ଟ ୨୫ରେ ଅନୁଷ୍ଠାନର ୨୬ତମ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଓ ମହାଯଜ୍ଞ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ଉନ୍ନୟନ ପରିଷଦ ପକ୍ଷରୁ କୁହାଯାଇଛି।

# ପରିବେଶ ସଂରକ୍ଷଣରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)



ଆଲୋଚନାଚକ୍ରରେ ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଓ ଅନ୍ୟ ଅତିଥିବୃନ୍ଦ।

### 'ପର୍ଯ୍ୟାବରଣ ସଂରକ୍ଷଣରେ ଯୁବ ସମାଜର ଭୂମିକା' ଆଲୋଚନାଚକ୍ର

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ଏବଂ କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ମିଳିତ ଆନୁକୂଲ୍ୟରେ 'ପର୍ଯ୍ୟାବରଣ ସଂରକ୍ଷଣରେ ଯୁବ ସମାଜର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଭୁବନେଶ୍ୱର ପଟିଆସ୍ଥିତ କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ପୁଷ୍ପାର୍ଘ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସହ କ୍ଷେତ୍ରୀୟ ମହିଳା ବାଲ୍ ବିକାଶ ସଂଯୋଜିକା ସୁପ୍ରୀତି ରଥ ସମୂହ ବନ୍ଦେ ମାତରଂ ଗାନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଓଡ଼ିଶା ପୂର୍ବପ୍ରାନ୍ତ ଅଧ୍ୟକ୍ଷ ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଭାରତ ବିକାଶ ପରିଷଦର ସ୍ଥାପନା ଏବଂ ଏହାର ଲକ୍ଷ୍ୟ, ଆଦର୍ଶ, ଉପଲବ୍ଧି ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଯୋଗଦେଇ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଯୁବସମାଜ ଆଗଭର ହୋଇ ଅଧିକରୁ ଅଧିକ ଚାରାରୋପଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ପ୍ରଭାତ ରଞ୍ଜନ ମଲ୍ଲିକ, ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଭାରତ ସରକାରଙ୍କ ପୂର୍ବତନ କେନ୍ଦ୍ର ବୟନ ସଚିବ ସଞ୍ଜୟ ପଣ୍ଡା, ଭାରତ ସରକାରଙ୍କ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପୂର୍ବତନ ମହାନିର୍ଦ୍ଦେଶକ ଜଙ୍ଗଲ ସିଦ୍ଧାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ପରିବେଶର ସଂରକ୍ଷଣ ଏବଂ ସମୃଦ୍ଧୀକରଣ ପାଇଁ ବ୍ୟାପକ ଚାରାରୋପଣର ଆଶ୍ୟକତା ରହିଛି। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଯୁବକମାନଙ୍କ ଭୂମିକା ଉପରେ ସମସ୍ତ ଅତିଥି ଗୁରୁତ୍ୱାରୋପ କରିଥିଲେ। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୌସ୍ତୁଭ ଗ୍ରୁପର ଅଧ୍ୟକ୍ଷ ସଦାଶିବ ଦାଶଙ୍କ ସମେତ ଓଡ଼ିଶା ପୂର୍ବପ୍ରାନ୍ତର ଅର୍ଥ ସଚିବ ନରସିଂହ ମିଶ୍ର, ପ୍ରାନ୍ତ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ପର୍ଯ୍ୟାବରଣ ଉପାଧ୍ୟକ୍ଷ ବାବୁ ଚାନ୍ଦ ମହାଲିକ, ପ୍ରାନ୍ତ ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ, ପ୍ରାନ୍ତ ସଙ୍ଗଠନ ସଚିବ ରାମ ଚନ୍ଦ୍ର ଦଳେଇ, ବ୍ରଜଗୋପାଳ ରାୟ, ମୃତ୍ୟୁଞ୍ଜୟ ମହାନ୍ତି, ସଂଯୁକ୍ତା ମିଶ୍ର, ମୃତ୍ୟୁଞ୍ଜୟ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାରତ ବିକାଶ ପରିଷଦ କଳିଙ୍ଗ ଶାଖାର ସଚିବ ନୃସିଂହ ନାଥ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଜାତୀୟ ପ୍ରସାରଣ ଦିବସରେ ପୁରୁଣା ରେଡିଓ ପ୍ରଦର୍ଶନ

ଭୁବନେଶ୍ୱର, ୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)




ଆଉଟରିଚ ପକ୍ଷରୁ ସ୍ଥାନୀୟ ସୂଚନା ଭବନରେ ଜାତୀୟ ପ୍ରସାରଣ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆଉଟରିଚର ମୁଖ୍ୟ ସୁବ୍ରତ କୁମାର ପତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଦୈନିକ ପ୍ରମେୟର ସମ୍ପାଦକ ଗୋପାଳ କୃଷ୍ଣ ମହାପାତ୍ର, ଆକାଶବାଣୀ ତଥା ଦୂରଦର୍ଶନର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ଆକାଶବାଣୀର ଅବସରପ୍ରାପ୍ତ ସହାୟକ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କର୍ଣ୍ଣେଲ ଦେବଦତ୍ତ ସୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜକ ସଂସ୍ଥା ପକ୍ଷରୁ ପ୍ରଦର୍ଶିତ ହୋଇଥିଲା ଅନେକ ପୁରୁଣା ରେଡ଼ିଓ। ଏହି ପ୍ରଦର୍ଶନୀକୁ ବେଶ ଆଗ୍ରହର ସହ ଦର୍ଶକମାନେ ଦେଖିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଦର୍ଶକ ଉପଭୋଗ କରିଥିଲେ।



ଆଉଟରିଚ ପକ୍ଷରୁ ସୂଚନା ଭବନରେ ମଙ୍ଗଳବାର ଜାତୀୟ ପ୍ରସାରଣ ଦିବସ ଅବସରରେ ପ୍ରଦର୍ଶିତ ପୁରୁଣା ରେଡିଓକୁ ଯୁବତୀମାନେ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଗୋମାଂସ ବୋଝେଇ ଗାଡ଼ି ଜବତ

କଳାପଥର, ୨୩।୭(ଗଙ୍ଗାଧର ସାହୁ)

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ମଧୁଆପଲ୍ଲୀ ବଘେଇ ରାସ୍ତାର ମା'ବରଡାଳିଆ ପୀଠ ନିକଟରୁ ଏକ ଗୋମାଂସ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଛି। ତେବେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହି ଗୋମାଂସ କେଉଁଠାରୁ କେଉଁଠାକୁ ଯାଉଥିଲା ଏବଂ ଏଥିରେ ସମ୍ପୃକ୍ତ ଥିବା ମାଫିଆମାନେ କେଉଁ ଅଞ୍ଚଳର ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ପରିଷଦର ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ଦାବି କରିଛନ୍ତି।

### ବିଧାନସଭାରେ ଜନସାଧାରଣଙ୍କ ଦାବି ଉପସ୍ଥାପନ କରିବି: ପ୍ରଦୀପ

ବେଗୁନିଆ, ୨୩।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ବିଜୁ ଜନତା ଦଳ (ବିଜେଡି)ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀଙ୍କ ସମେତ ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ। ବିଜେଡି ସଙ୍ଗଠନକୁ ମଜଭୁତ ସହ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବି। ଜନସାଧାରଣଙ୍କ ଦାବି ଓ ଅଞ୍ଚଳରେ ରହିଥିବା ସମସ୍ୟା ସମ୍ପର୍କରେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ବିଧାୟକ ସାହୁ କହିଛନ୍ତି।

### ନାବାଳିକାଙ୍କୁ ନେଇଯିବା ଅଭିଯୋଗରେ ଯୁବକ ଗିରଫ

ଜଟଣୀ, ୨୩।୭(ରବୀନ୍ଦ୍ରନାଥ ମହାକୁଡ଼)

**ଏକତରଫା ପ୍ରେମ**

ଏକତରଫା ପ୍ରେମ ସହ ନାବାଳିକାଙ୍କୁ ଘରୁ ନେଇଯିବା ଘଟଣାରେ ଜଟଣୀ ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଭାଗୀରଥି ଓଝା ଓରଫ କାହ୍ନା(୨୬)। ଅଭିଯୋଗ ମୁତାବକ, ଗତ ୫ବର୍ଷ ହେବ ଭାଗୀରଥି ସମ୍ପୃକ୍ତ ନାବାଳିକାଙ୍କୁ ଏକତରଫା ଭାବେ ପ୍ରେମ କରିଆସୁଥିଲେ। ଗତ ୬ତାରିଖରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ଭାଗୀରଥି ସମ୍ପୃକ୍ତ ନାବାଳିକାଙ୍କୁ ଘରେ ଛାଡି ଫେରାର ହୋଇଯାଇଥିଲେ। ତେବେ ନାବାଳିକାଙ୍କୁ ପରିବାର ଘରେ ପୁରାଇଦେଇନଥିଲେ। କୌଣସି ଉପାୟ ନ ପାଇ ନାବାଳିକା ଜଣଙ୍କ ଜଟଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୪/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଭାଗୀରଥିଙ୍କୁ ଗିରଫ କରିଥିଲା।

# ରାସ୍ତାରେ ଘର ନିର୍ମାଣକୁ ବିରୋଧ

### ଉଚ୍ଛେଦ ଦାବିକଲେ ଗ୍ରାମବାସୀ

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ରାସ୍ତା ମଝିରେ ଜଣେ ବ୍ୟକ୍ତି ଜବରଦସ୍ତ ଘର ନିର୍ମାଣ କରୁଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଜବରଦଖଲ ଉଚ୍ଛେଦ ସହ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କେତେଜଣ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଜଙ୍କିଆ ଗ୍ରାମର ଚଉମୁହଁ ରାସ୍ତାଗୁଡିକ ମଧ୍ୟରୁ ପୂର୍ବ ଦିଗର ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଛନ୍ତି। ଫଳରେ ସ୍ଥାନୀୟ ଗ୍ରାମବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସମ୍ପୃକ୍ତ ବ୍ୟକ୍ତି ଜଙ୍କିଆର ଖାତା ନଂ.୩୪୮, ପ୍ଲଟ ନଂ.୧୬, ମୌଜା ଜଙ୍କିଆରେ ଥିବା ଉକ୍ତ ରାସ୍ତାର ମଧ୍ୟଭାଗରେ ପକ୍କାଘର ନିର୍ମାଣ ଜାରି ରଖିଛନ୍ତି। ପ୍ରତିବାଦ କରିବାରୁ ଧମକ ଦେଉଛନ୍ତି। ବ୍ୟକ୍ତି ଜଣଙ୍କ ଉକ୍ତ ପ୍ଲଟରେ ଥିବା ରାସ୍ତାର ପାର୍ଶ୍ୱ ଭାଗରେ ବିଗତ ଦିନରେ କରିଥିବା ଅସ୍ଥାୟୀ ଗୃହକୁ ବିରୋଧ କରି ଅଭିଯୋଗକାରୀମାନେ ନିମ୍ନ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ଉକ୍ତ ଗୃହର ଉଚ୍ଛେଦ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନିକ ସ୍ତରରେ ଏଯାବତ୍ କାର୍ଯ୍ୟକାରୀ ନ ହେବାରୁ ଜବରଦଖଲକାରୀ ରାସ୍ତାର ମଧ୍ୟଭାଗରେ ପକ୍କାଘର ନିର୍ମାଣ କରୁଛନ୍ତି। ଗ୍ରାମର ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜବରଦଖଲକାରୀଙ୍କ ଉକ୍ତ ଗୃହ ନିର୍ମାଣକୁ ବନ୍ଦ କରାଯାଇ ଉଚ୍ଛେଦ କରାଯିବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

# ମାମଲା ରୁଜୁକରି ପୋଲିସ ନୀରବ

### ଲୁଟ୍ ସାମଗ୍ରୀ ଫେରିପାଇବା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଦମ୍ପତି

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)



କିଛିଦିନର ନୀରବତା ପରେ ଖୋର୍ଦ୍ଧାରେ ପୁଣି ଲୁଟେରା ମାତିଛନ୍ତି। କଳା ପଲ୍‌ସରଧାରୀଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ଜନଗହଳି ସ୍ଥାନରେ ଲୁଟ୍ ହେଉଛି। ପୋଲିସ କେବଳ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଛି। ଗତ ଜୁନ ୬ ତାରିଖରେ ଲୁଟର ଶିକାର ହୋଇଥିବା ଦମ୍ପତି ଲୁଟ୍ ସାମଗ୍ରୀ ଫେରିପାଇବା ପାଇଁ ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦମ୍ପତିଙ୍କ ଅଭିଯୋଗ ଅନୁଯାୟୀ, ବେଗୁନିଆ ବ୍ଲକ କୁଞ୍ଜରୀ ପଞ୍ଚାୟତ ଗୋଡ଼ିସାହିର ବଳରାମ ବେହେରା ସ୍ଥାନୀୟ ଗୁଡୁମ ଗ୍ରାମସ୍ଥିତ ବ୍ୟାଙ୍କ ଅଫ ବରୋଦା ଶାଖାରେ ଅସ୍ଥାୟୀ ଭାବେ କାମ କରୁଥିବା ବେଳେ ସେହି ବ୍ୟାଙ୍କରେ ତାଙ୍କ ସ୍ତ୍ରୀ ରିନାରାଣୀ ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସବୁଦିନ ଭଳି ଜୁନ ୬ରେ ଦମ୍ପତି ଅପରାହ୍ନ ସାଢ଼େ ୪ଟାରେ ବ୍ୟାଙ୍କ କାମ ସାରି ସ୍କୁଟିରେ ଘରକୁ ଫେରୁଥିଲେ। କୋକସିଂ ଗ୍ରାମ ନିକଟରେ କଳା ପଲ୍‌ସରରେ ୩ଜଣ ଦୁର୍ବୃତ୍ତ ହଠାତ୍ ସ୍କୁଟି ଆଗକୁ ଆସି ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ଅଟକାଇଥିଲେ। ତାଙ୍କଠାରୁ ୧ଲକ୍ଷ ୭୦ହଜାର ଟଙ୍କା, ୨ଟି ଲାପଟପ, ବାୟୋମେଟ୍ରିକ ମେଶିନ ଏବଂ ସ୍କୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଦମ୍ପତି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରଦିନ ବୋଲଗଡ ଅଞ୍ଚଳରୁ ସ୍କୁଟି ଉଦ୍ଧାର ହୋଇଥିଲା। ତେବେ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଟଙ୍କା ଫେରିପାଇବା ଆଶାରେ ଦମ୍ପତି ଥାନାକୁ ବାରମ୍ବାର ଦୌଡୁଛନ୍ତି। ନ୍ୟାୟ ନ ମିଳିବାରୁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲୁଟ ସାମଗ୍ରୀ ଏବଂ ଟଙ୍କା ଉଦ୍ଧାର ପାଇଁ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

# ବୌଦ୍ଧିକ, ବାହ୍ୟଜ୍ଞାନକୁ ବିକଶିତ କରୁଛି ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ


ତଳଗଡ଼ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ସଂଖ୍ୟାଜ୍ଞାନ ସମ୍ପର୍କରେ ବୁଝାଉଛନ୍ତି।

ବେଗୁନିଆ, ୨୩।୭(ହର ପ୍ରସନ୍ନ ପଣ୍ଡା)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପାଳିତ ହେଉଛି ଶିକ୍ଷା ସପ୍ତାହ ଦିବସ। ଏହି ଅବସରରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୧୫ଟି କ୍ଲଷ୍ଟର ଅନ୍ତର୍ଭୁକ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟରେ ଗତ ୨୨ତାରିଖରୁ ଆରମ୍ଭ ହୋଇଛି ଉକ୍ତ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ। ଏଥିରେ ପିଲାମାନେ ୭ଦିନ ଧରି ବିଭିନ୍ନ ବାହ୍ୟ ତଥା ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଶିକ୍ଷକମାନଙ୍କୁ ଦେଖାଇବା ସହ ଶିକ୍ଷାଦାନ କରିବେ। ବ୍ଲକ ଶିକ୍ଷାଧିକାରୀ, ଏବିଇଓ ଏବଂ ସିଆରସିସିମାନେ ବିଦ୍ୟାଳୟ ବୁଲି ତଦାରଖ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଥିଲା ଦ୍ୱିତୀୟ ଦିବସ ଶିକ୍ଷା କାର୍ଯ୍ୟକ୍ରମ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ବିଶ୍ୱରଞ୍ଜନ ବେହେରା ଯୋଗଦେଇଥିଲେ। ପିଲାମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଶ୍ଜ୍ଞାନ(ଏଫ୍‌ଏଲ୍‌ଏନ୍) ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଭାକର ମହାପାତ୍ର, ଶିକ୍ଷୟିତ୍ରୀ ସାଗରିକା ମାଝୀ, ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ, ଶିକ୍ଷକ ଅଖିଳେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟରେ ପାଠପଢ଼ା ସହିତ ପିଲାମାନଙ୍କର ବୌଦ୍ଧିକ ଏବଂ ବାହ୍ୟ ଜ୍ଞାନ ବିକଶିତ କରୁଛି। ପିଲାମାନେ ସୁନ୍ଦର ଗପ କହିବା, ଖେଳ, ଏକକ ଅଭିନୟ, ଶିକ୍ଷଣୀୟ ସାମଗ୍ରୀ ଏବଂ ସୁନ୍ଦର ଚିତ୍ର ଆଙ୍କିବା ସହ ଉତ୍ସାହିତ ହୋଇପାରୁଛନ୍ତି।

### ଜିଲାପାଳଙ୍କୁ ଦାବିପତ୍ର

ଟାଙ୍ଗୀ, ୨୩।୭(ରଘୁନାଥ ସାହୁ)

**ଗୋଷ୍ଠୀ ବିବାଦ ପ୍ରସଙ୍ଗ**

ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ଅଞ୍ଚଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଗୋଷ୍ଠୀ ବିବାଦ ତେଜିବାରେ ଲାଗିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରାଯାଇ ନାହିଁ। ଏନେଇ ରତନପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତୁ, ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଜିଲାପାଳ ଚଞ୍ଚଳ ରାଣା ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଘଟଣା ସମ୍ପର୍କରେ ଖୋର୍ଦ୍ଧା ଏସ୍‌ପି ଏବଂ ଗୃହ ବିଭାଗ ସଚିବଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ଏହି ପ୍ରତିନିଧିମଣ୍ଡଳୀରେ ଜିଲା ପରିଷଦ ସଭ୍ୟ ବିଜୟ ଜେନା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ସମିତି ସଭ୍ୟ ମାନସ ରଞ୍ଜନ ବେହେରା, ଜୟଦେବ ବେହେରା, ଶତ୍ରୁଘ୍ନ ପ୍ରଧାନ, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଶ୍ୟାମ ପାଇକରାୟଙ୍କ ସମେତ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ସାମିଲ ଥିଲେ।

### ୭ ଫୁଟର ରଣା ଉଦ୍ଧାର

ବୋଲଗଡ଼, ୨୩।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ରୋଳସିଂ ଗ୍ରାମ ନିବାସୀ ଭାଜପା ନେତା ଚିତ୍ରଭାନୁ ମହାରଥାଙ୍କ ଘରୁ ଏକ ୭ଫୁଟର ରଣା ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଚିତ୍ରଭାନୁଙ୍କ ବାପା ଭାସ୍କରଙ୍କ ଔଷଧ ଖାଇବା ପାଇଁ ତାଙ୍କ ସ୍ତ୍ରୀ ପାଣି ଗରମ କରି ନେଉଥିବା ବେଳେ ସାପ ଦେଖିଥିଲେ। ଖବରପାଇ ବୋଲଗଡର ସର୍ପଧରାଳି ଗଦାଧର ଚମ୍ପତି ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦିଆଯାଇଛି।

# 'ସାହିତ୍ୟ ସମାଜକୁ ନୂତନ ଦିଶା ଦେଇଥାଏ'


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)

ସମାଜକୁ ଶିକ୍ଷାଦିଏ ସତ୍ ସାହିତ୍ୟ। ଶୋଷଣ କଷଣ ଜର୍ଜରିତ ପୀଡ଼ିତ ଜନତାର ସ୍ୱର ଏଥିରେ ସ୍ଥାନ ପାଇଥାଏ। ମଣିଷ ହୃଦୟରେ ଅମାପ ଶକ୍ତି ସାହସ ଭରିଥାଏ। ମିଥ୍ୟା, ଲାଞ୍ଛିତ, ପ୍ରବଞ୍ଚନା, ବିଶ୍ୱାସଘାତ ପୀଡ଼ିତ ସମାଜକୁ ଆଶ୍ୱସ୍ତ କରିବାର ଇଚ୍ଛା ନେଇ ସାହିତ୍ୟିକଟିଏ ଧରିଥାଏ ଲେଖନୀ। ସତ୍ ଜିଜ୍ଞାସା ଏଥିରେ ରୂପପାଏ। ବିକ୍ଷୁବ୍ଧ ଭାବପୂର୍ଣ୍ଣ ହୃଦୟର ଭାଷାକୁ ସାଉଁଟି ନେବା ପାଇଁ କବିର ପଥ ସୁଗମ ହୋଇଥାଏ। ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଙ୍ଗଳାନଗରସ୍ଥିତ ସଦନଠାରେ ଆୟୋଜିତ ମାସିକ ଆସର 'ମୁଁ ଲେଖେ କାହିଁକି' ପ୍ରସଙ୍ଗରେ ସାହିତ୍ୟିକମାନେ ଆଲୋଚନା କରିଥିଲେ। ସଭାପତି ଗବେଷକ ଗୋପାଳକୃଷ୍ଣ ଦାସ ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ। ସଙ୍ଗଠନ ସମ୍ପାଦକ ବଂଶୀଧର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟବକ୍ତା ଲେଖିକା ଆରତୀ ମଞ୍ଜରୀ ଦାସ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଛାତ୍ର ଜୀବନରେ ଆଦର୍ଶ ଗୁରୁ ଓ ପୁସ୍ତକ ଅଧ୍ୟୟନ କିପରି ତାଙ୍କୁ ଲେଖନୀ ଚାଳଣା ପ୍ରତି ଆଗ୍ରହ ସୃଷ୍ଟି କରିଥିଲା, ତାହା ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି କବି ବୈକୁଣ୍ଠନାଥ ରାଜଗୁରୁ ସାମନ୍ତବାଦୀ ସମାଜର କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରୀକରଣ ଲକ୍ଷ୍ୟରେ ତାଙ୍କ କବିତା ଅଭିପ୍ରେତ ବୋଲି କହିଥିଲେ। ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା ପାଶ୍ଚାତ୍ୟ ସାହିତ୍ୟିକମାନଙ୍କ ଅନ୍ତଃସ୍ୱର ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକ ତପନ ମହାପାତ୍ର ପାଠକଙ୍କ ଆତ୍ମସନ୍ତୋଷ ତାଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ଡ.ନିରଞ୍ଜନ ମହାନ୍ତି ଛାତ୍ର ଜୀବନର ସୃଜନାଲେଖ୍ୟ ସମ୍ପର୍କରେ କହିଥିଲେ। ଡ. ଚପଳା ପଣ୍ଡା, ବିକ୍ରମ ଚମ୍ପତି, ପ୍ରଫୁଲ୍ଲ ସାମନ୍ତରାୟ, ବାସୁଦେବ ସାହୁ, ଗୋବିନ୍ଦ ଚନ୍ଦ୍ର ମହାରଣା, କୈଳାସ ଚନ୍ଦ୍ର ପୃଷ୍ଟି କବିତା ପାଠ କରିଥିଲେ। ସଂସଦ ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ସପ୍ତାହ

ଟାଙ୍ଗୀ/ନିରାକାରପୁର/କୃଷ୍ଣପ୍ରସାଦ, ୨୩।୭(ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ/ କୈଳାସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତିର ଚତୁର୍ଥ ବାର୍ଷିକ ଉପଲକ୍ଷେ ଓସେପା ପକ୍ଷରୁ ସମସ୍ତ ବିଦ୍ୟାଳୟରେ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଶିକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଇଥିଲା। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସିଆର୍‌ସିସି ପ୍ରସନ୍ନ କୁମାର ପାଇକରାୟ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହି ପରି ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂ ଶିକ୍ଷାର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସିଆର୍‌ସିସି ପଞ୍ଚାନନ ଭୁଜବଳ ଉପସ୍ଥିତ ଥିଲେ।

ସହକାରୀ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଧନ୍ୟବାଦ ଦେଇଥିଲେ। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଓ ଜଗଟେଶ୍ୱର ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ତରେଇ, ସହକାରୀ ଶିକ୍ଷକ ନିରଞ୍ଜନ ବେହେରା, ରମାକାନ୍ତ ତରେଇ, କୃଷ୍ଣଚନ୍ଦ୍ର ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଦୁଅରେ ଭର୍ତ୍ତି ରାସ୍ତା, ଲୋକେ ହଇରାଣ

ବୋଲଗଡ଼, ୨୩।୭(ଦେବବ୍ରତ ହୋତା)

ଲୋକଙ୍କ ଯାତାୟାତ ପାଇଁ ସରକାର ରାସ୍ତା ନିର୍ମାଣ କରୁଛନ୍ତି। ତେବେ ନିମ୍ନମାନର ଓ ଅଧାପନ୍ତରିଆ କାମ ଯୋଗୁ ରାସ୍ତା ମରଣଯନ୍ତା ପାଲଟୁଛି। ବର୍ଷାଦିନେ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୋଲଗଡ଼ ବ୍ଲକ ଅଞ୍ଚଳରେ ଏଭଳି ବହୁ ରାସ୍ତା ଥିବାବେଳେ ଗୋପାଳପୁର ପଞ୍ଚାୟତର ମୁଗମଣ୍ଡା ଗ୍ରାମ ରାସ୍ତା, ଯାହାକି ବେଗୁନିଆଠାରୁ ଲୋଧାଚୁଆ ପିଡବ୍ଲୁଡି ରାସ୍ତାର ମୁଗମଣ୍ଡା ଆଶ୍ରମ ସମ୍ମୁଖ ଦେଇ ବୋରିକୋ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ ସଂଯୁକ୍ତ ହୋଇଛି। ଏହି ସଂଯୋଗ ସ୍ଥଳରେ ରାସ୍ତା ଖାଲ ହୋଇ ପାଣି ଜମି ରହୁଥିବା ଯୋଗୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ତୁରନ୍ତ ରାସ୍ତା କାମ କରିବା ପାଇଁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି। ସେହିପରି ପଞ୍ଚାୟତର ତାଳତୁମ୍ବ ବଜାରଠାରୁ ସିମାପଲ୍ଲୀ ଗ୍ରାମକୁ ନୂତନ ଭାବେ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସୀମାପଲ୍ଲୀ ସ୍କୁଲ ଆଗରେ ଯାଇଥିବା ନୂଆସାହି ବଥୁଆ ମୌଜା ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାଟି ଖାଲଖମା ହେବା ସହ କାଦୁଅରେ ଭର୍ତ୍ତି ହୋଇଛି। ଏବେ ସ୍ଥାନୀୟ ଲୋକ ଏବଂ ନୂଆସାହି ବାସିନ୍ଦାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ରାସ୍ତାକୁ ତୁରନ୍ତ ମରାମତି ପାଇଁ ସିମାପଲ୍ଲୀ ନୂଆସାହି ବାସିନ୍ଦା ଏବଂ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ଗୁରୁଜଙ୍ଗ-ଉଇଲକିଂଶନ ନଗରକୁ ପିଚୁ ରାସ୍ତା ଦାବି

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀଠାରୁ କାଞ୍ଚିଆମା, କୁମାରବସ୍ତ, ଗୁରୁଜଙ୍ଗ, ଉଇଲକିଂଶନ ନଗର, ତରବୁଆ, ଶରଧାପୁର ଦେଇ ନିର୍ମାଣ ହେଉଥିବା ନୂତନ ବାଇପାସ୍ ରାସ୍ତାର ଗୁରୁଜଙ୍ଗ ଓ ଉଇଲକିଂଶନ ନଗର ଗ୍ରାମ୍ୟ ଉନ୍ନୟନ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷାରେ ମାଟି ରାସ୍ତା କାଦୁଅ, ରାସ୍ତାସାରା ଖାଲଖମା ଯୋଗୁ ପାଣି କୃତ୍ରିମ ହ୍ରଦ ଭ୍ରମ ସୃଷ୍ଟି କରୁଛି। ଦୈନିକ ଛୋଟବଡ ଦୁର୍ଘଟଣା ଘଟିବା ସହ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଠାରେ ପିଚୁ ରାସ୍ତା ନିର୍ମାଣ ପାଇଁ ଟାଙ୍ଗିଆପଡା ପଞ୍ଚାୟତର ସାମାଜିକ କର୍ମୀ ଆକାଶ କୁମାର ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ଦୀପକ ସୁନ୍ଦରାୟ, ରାଜେଶ ବାରିକ, ସୀତାରାମ ସୁନ୍ଦରାୟ, କୃଷ୍ଣଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ପ୍ରଭାତ କୁମାର ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଜାତୀୟ ରାଜପଥ ଦ୍ୱାରା ପ୍ରାଧିକୃତ ଠିକା ସଂସ୍ଥା ଦୀର୍ଘଦିନ ହେବ ଅଣ୍ଡରପାସ୍ ନିର୍ମାଣ କରୁଛି। ତେବେ ଏହି ରାସ୍ତା ଉପରେ ନିର୍ଭରଶୀଳ ୫୦ ଗ୍ରାମର ଲୋକମାନଙ୍କ ଯାତାୟାତ ସୁବିଧା ପାଇଁ ଏକ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ କରାଯାଇଛି। ଏବେ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଏବେ ଲଗାଣ ବର୍ଷାରେ ଉକ୍ତ ରାସ୍ତା କାଦୁଅ ହେବା ସହ ଖାଲଖମା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଅଟୋ, ସାଇକେଲ କିମ୍ବା ଚାଲିକି ଯିବା ସମ୍ଭବ ହେଉନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଖୋର୍ଦ୍ଧା, ଗୁରୁଜଙ୍ଗ, ଉଇଲକିଂଶନ ନଗର, ଅରାଙ୍ଗ, ମହୁଲ, ମଧୁପୁର, ମାନପୁର, ମାଜଣା, ଅଙ୍ଗରପଦା, ମିନଚିନପାଟଣା ବିନ୍ଧଗିରି, ଛତାବର, ପଳାଶପୁର, ପାଣିଓଲାଠାରୁ ଆରମ୍ଭ କରି ମେଣ୍ଢାଶାଳ, ଚନ୍ଦକା ପର୍ଯ୍ୟନ୍ତ ଲୋକେ ହଇରାଣ ହେଉଛନ୍ତି। ଏହି ରାସ୍ତାକୁ ଅସ୍ଥାୟୀ ଭାବେ ପିଚୁ ରାସ୍ତା ପାଇଁ ଅଭିଯୋଗ ସତ୍ତ୍ୱେ ସେଠାରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା, ଜାତୀୟ ରାଜପଥ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ଗୁରୁଜଙ୍ଗ-କଜଳାଗଣ୍ଡ ଗ୍ରାମ୍ୟରାସ୍ତା ମରଣଯନ୍ତା

### ସ୍ଥାୟୀ ପ୍ରତିକାର ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗ-କଜଳାଗଣ୍ଡ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉଇଲକିଂଶନ ନଗର ଗ୍ରାମ ଦେଇ ଯାଇଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ୫୦ ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ଏହି ରାସ୍ତାର ଉଇଲକିଂଶନ ନଗର ଗ୍ରାମ ମୁଖ୍ୟ ରାସ୍ତା ଦୀର୍ଘ ଦିନ ହେବ ବିପର୍ଯ୍ୟସ୍ତ ହୋଇପଡିଛି। ବିଭିନ୍ନ ସ୍ଥାନରେ ଖାଲଖମା ଯୋଗୁ ବର୍ଷାଜଳ ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଫଳରେ ଯାତାୟାତ କରିବାରେ ଲୋକେ ହଇରାଣ ହେଉଛନ୍ତି। ଦୈନିକ ଛୋଟବଡ଼ ଦୁର୍ଘଟଣା ହେଉଛି। ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ହଇରାଣ ହେଉଛି। ଖୋର୍ଦ୍ଧା, ଗୁରୁଜଙ୍ଗ, ଉଇଲକିଂଶନନଗର, ଅରାଙ୍ଗ, ମହୁଲ, ମଧୁପୁର, ମାଜଣା, ଅଙ୍ଗାରପଡା, ବିନ୍ଧଗିରି, ମାନପୁର, ମିନଚିନପାଟଣା, ପଳାଶପୁର, ଛତାବର, ମେଣ୍ଢାଶାଳ, ଚନ୍ଦକା ପର୍ଯ୍ୟନ୍ତ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତାର ଦୁରାବସ୍ଥା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଗୋପାଳକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଆକାଶ ବିଶ୍ୱାଳ, ଦୀପକ ସୁନ୍ଦରାୟ, ରାଜେଶ ବାରିକ, ପ୍ରଭାତ ବେହେରା, ସୂର୍ଯ୍ୟକାନ୍ତ ସାମନ୍ତରାୟ, କୃଷ୍ଣ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।



| ମନ୍ତ୍ରଣାଳୟ ଅନୁଯାୟୀ ବ୍ୟୟବରାଦ | | (କୋଟିରେ) |
|---|---|---|
| ୧ | ଅର୍ଥ ମନ୍ତ୍ରଣାଳୟ | ୧୮,୫୮,୧୫୮.୫୨ |
| ୨ | ପ୍ରତିରକ୍ଷା ମନ୍ତ୍ରଣାଳୟ | ୬,୨୧,୯୪୦.୮୫ |
| ୩ | ସଡ଼କ ପରିବହନ ଓ ରାଜପଥ | ୨,୭୮,୦୦୦.୦୦ |
| ୪ | ରେଳ ମନ୍ତ୍ରଣାଳୟ | ୨,୫୫,୩୯୩.୦୦ |
| ୫ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ | ୨,୨୩,୩୨୩.୩୬ |
| ୬ | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ | ୨,୧୯,୬୪୩.୩୧ |
| ୭ | ଗ୍ରାମୀଣ ବିକାଶ | ୧,୮୦,୨୩୩.୪୩ |
| ୮ | ରସାୟନ ଓ ସାର | ୧,୬୮,୪୯୯.୮୭ |
| ୯ | ଯୋଗାଯୋଗ ମନ୍ତ୍ରଣାଳୟ | ୧,୩୭,୨୯୩.୯୦ |
| ୧୦ | କୃଷି ମନ୍ତ୍ରଣାଳୟ | ୧,୩୨,୪୬୯.୮୬ |
| ୧୧ | ଶିକ୍ଷା ମନ୍ତ୍ରଣାଳୟ | ୧,୨୦,୬୨୭.୮୭ |
| ୧୨ | ଜଳଶକ୍ତି ମନ୍ତ୍ରଣାଳୟ | ୯୮,୭୧୩.୭୮ |
| ୧୩ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୯୦,୯୫୮.୬୩ |
| ୧୪ | ଗୃହ ଓ ନଗର ଉନ୍ନୟନ | ୮୨,୫୭୬.୫୭ |
| ୧୫ | ମହିଳା ଓ ଶିଶୁ ବିକାଶ | ୨୬,୦୯୨.୧୯ |
| ୧୬ | ଆଣବିକ ଶକ୍ତି ବିଭାଗ | ୨୪,୯୬୮.୯୮ |
| ୧୭ | ଶ୍ରମ ଓ ନିୟୋଜନ | ୨୨,୫୩୧.୪୭ |
| ୧୮ | ବହିର୍ବ୍ୟାପାର ମନ୍ତ୍ରଣାଳୟ | ୨୨,୧୫୪.୬୭ |
| ୧୯ | ଏମ୍ଏସ୍ଏମ୍ଇ | ୨୨,୧୩୭.୯୫ |
| ୨୦ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୧,୯୩୬.୯୦ |
| ୨୧ | ଶକ୍ତି ମନ୍ତ୍ରଣାଳୟ | ୨୦,୫୦୨.୦୦ |
| ୨୨ | ନବୀନ ଓ ନବୀକରଣୀୟ ଶକ୍ତି | ୧୯,୧୦୦.୦୦ |
| ୨୩ | ବିଜ୍ଞାନ ଓ ପ୍ରଯୁକ୍ତି | ୧୬,୬୨୮.୧୨ |
| ୨୪ | ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ | ୧୫,୯୩୦.୨୬ |
| ୨୫ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ | ୧୪,୨୨୫.୪୭ |
| ୨୬ | ମହାକାଶ ବିଭାଗ | ୧୩,୦୪୨.୭୫ |
| ୨୭ | ଆଦିବାସୀ ବ୍ୟାପାର | ୧୩,୦୦୦.୦୦ |
| ୨୮ | ବାଣିଜ୍ୟ ଓ ଶିଳ୍ପ | ୧୧,୪୬୯.୧୪ |
| ୨୯ | ଭାରି ଶିଳ୍ପ ମନ୍ତ୍ରଣାଳୟ | ୭,୨୪୨.୦୦ |
| ୩୦ | ମତ୍ସ୍ୟଚାଷ, ପଶୁ ସମ୍ପଦ ଓ ଗୋପାଳନ | ୭,୧୩୭.୬୮ |
| ୩୧ | ଆଇନ ଓ ନ୍ୟାୟ | ୬,୭୮୮.୩୩ |
| ୩୨ | ଉତ୍ତରପୂର୍ବାଞ୍ଚଳ ବିକାଶ | ୫,୯୦୦.୦୦ |
| ୩୩ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରଣୟନ | ୫,୪୫୩.୮୩ |
| ୩୪ | ଦକ୍ଷତା ବିକାଶ ଓ ଔଦ୍ୟୋଗିକ | ୪,୫୨୦.୦୦ |
| ୩୫ | ବୟନଶିଳ୍ପ | ୪,୪୧୭.୦୩ |
| ୩୬ | ସୂଚନା ଓ ପ୍ରସାରଣ | ୪,୩୪୨.୫୫ |
| ୩୭ | ଆୟୁଷ ମନ୍ତ୍ରଣାଳୟ | ୩,୭୧୨.୪୯ |
| ୩୮ | ଯୁବ ବ୍ୟାପାର ଓ କ୍ରୀଡ଼ା | ୩,୪୪୨.୩୨ |
| ୩୯ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ | ୩,୩୩୦.୩୭ |
| ୪୦ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ | ୩,୨୯୦.୦୦ |
| ୪୧ | ସଂସ୍କୃତି ମନ୍ତ୍ରଣାଳୟ | ୩,୨୬୦.୯୩ |
| ୪୨ | ସଂଖ୍ୟାଲଘୁ ବ୍ୟାପାର | ୩,୧୮୩.୨୪ |
| ୪୩ | ଭୂବିଜ୍ଞାନ ମନ୍ତ୍ରଣାଳୟ | ୩,୦୬୪.୮୦ |
| ୪୪ | କର୍ପୋରେଟ୍ ବ୍ୟାପାର | ୨,୬୬୭.୦୬ |
| ୪୫ | ପର୍ଯ୍ୟଟନ | ୨,୪୭୯.୬୨ |
| ୪୬ | କାର୍ମିକ, ଜନ ଅଭିଯୋଗ ଓ ପେନ୍ସନ | ୨,୩୭୯.୮୭ |
| ୪୭ | ବନ୍ଦର, ନୌପରିବହନ ଓ ଜଳମାର୍ଗ | ୨,୩୭୭.୪୯ |
| ୪୮ | ବେସାମରିକ ବିମାନ ଚଳାଚଳ | ୨,୩୫୭.୧୪ |
| ୪୯ | ଖଣି ମନ୍ତ୍ରଣାଳୟ | ୧,୯୪୧.୦୬ |
| ୫୦ | ରାଷ୍ଟ୍ରପତି, ସଂସଦ, ୟୁପିଏସ୍ସି ଏବଂ ଉପରାଷ୍ଟ୍ରପତି ସଚିବାଳୟ | ୧,୮୮୪.୯୨ |
| ୫୧ | ପଞ୍ଚାୟତିରାଜ | ୧,୧୮୩.୬୪ |
| ୫୨ | କୋପରେଶନ ମନ୍ତ୍ରଣାଳୟ | ୧,୧୮୩.୩୯ |
| ୫୩ | ଯୋଜନା ମନ୍ତ୍ରଣାଳୟ | ୮୩୭.୨୬ |
| ୫୪ | ଇସ୍ପାତ ମନ୍ତ୍ରଣାଳୟ | ୩୨୫.୬୬ |
| ୫୫ | କୋଇଲା ମନ୍ତ୍ରଣାଳୟ | ୧୯୨.୫୫ |
| ୫୬ | ସଂସଦୀୟ ବ୍ୟାପାର | ୬୪.୦୦ |
| | ମୋଟ: | ୪୮,୨୦,୫୧୨.୦୮ |

## ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିରେ ନିୟନ୍ତ୍ରଣ ନାହିଁ




# ପ୍ରତିରକ୍ଷା
## ୬.୨୨ ଲକ୍ଷ କୋଟି



୨୦୨୪-୨୫ ଆର୍ଥିକ ବର୍ଷର ନିୟମିତ କେନ୍ଦ୍ର ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୬,୨୧,୯୪୦.୮୫ କୋଟି ଟଙ୍କା (ପାଖାପାଖି ୭୫ ବିଲିୟନ ଆମେରିକୀୟ ଡଲାର) ଆବଣ୍ଟନ କରାଯାଇଛି। ଅନ୍ତରୀଣ ବଜେଟରେ ମନ୍ତ୍ରଣାଳୟକୁ ଦିଆଯାଇଥିବା ଆବଣ୍ଟନକୁ ବଜାୟ ରଖି କେନ୍ଦ୍ର ସରକାର ଇନୋଭେଶନ୍ସ ଫର୍ ଡିଫେନ୍ସ ଏକ୍ସିଲେନ୍ସ ବା ଆଇଡିଏକ୍ସ (ଏଡିଆଇଟିଆଇ) ଯୋଜନା ମାଧ୍ୟମରେ ପ୍ରତିରକ୍ଷା କ୍ଷେତ୍ରରେ ଅଭିନବତା ପାଇଁ ୪୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମନ୍ତ୍ରଣାଳୟ ଷ୍ଟାର୍ଟଅପ୍/ଏମ୍ଏସ୍ଏମ୍ଇ ଏବଂ ଉଦ୍ଭାବକମାନଙ୍କ ସହିତ ଡେଫ୍-ଟେକ୍ ସମାଧାନ ବିକଶିତ କରିବା ଏବଂ ଭାରତୀୟ ସେନାକୁ ଅଭିନବ ଏବଂ ସ୍ୱଦେଶୀ ବୈଷୟିକ ସମାଧାନ ଯୋଗାଇବା ପାଇଁ ଯୋଗାଯୋଗ କରୁଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମନ୍ତ୍ରଣାଳୟକୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ତୁଳନାରେ ଏକ ଲକ୍ଷ କୋଟି ଟଙ୍କା (୧୮.୪୩%) ଅଧିକ ଆବଣ୍ଟନ ହୋଇଛି। ଏହା ୨୦୨୩-୨୪ ଆର୍ଥିକ ବର୍ଷର ଆବଣ୍ଟନ ତୁଳନାରେ ୪.୭୯% ଅଧିକ। ସେଥିମଧ୍ୟରୁ ୨୭.୬୬% ଭାଗ ପୁଞ୍ଜିକୁ ଯାଉଛି। ଜୀବିକା ଏବଂ ପରିଚାଳନା ପ୍ରସ୍ତୁତି ଉପରେ ରାଜସ୍ୱ ଖର୍ଚ୍ଚ ପାଇଁ ୧୪.୮୨%; ବେତନ ଓ ଭତ୍ତା ପାଇଁ ୩୦.୬୬%; ପ୍ରତିରକ୍ଷା ପେନସନ ପାଇଁ ୨୨.୭୦% ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ନାଗରିକ ସଂଗଠନ ପାଇଁ ୪.୧୭% ବ୍ୟୟବରାଦ କରାଯାଇଛି। ମୋଟ ଆବଣ୍ଟନ ଭାରତ ସରକାରଙ୍କ ବଜେଟ ଆକଳନର ପ୍ରାୟ ୧୨.୯%। ପ୍ରତିରକ୍ଷା ଜ୍ଞାନକୌଶଳ ଏବଂ ଉତ୍ପାଦନ କ୍ଷେତ୍ରରେ 'ଆତ୍ମନିର୍ଭରତା'କୁ ପ୍ରୋତ୍ସାହିତ କରିବା ଏବଂ ସଶସ୍ତ୍ର ବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର/ପ୍ଲାଟଫର୍ମରେ ସଜ୍ଜିତ କରିବା ସହିତ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଆବଣ୍ଟନର ଉଦ୍ଦେଶ୍ୟ।

### ସୁଦୃଢ଼ ହେବ ସୀମା ଭିତ୍ତିଭୂମି

ରଣନୈତିକ ଦୃଷ୍ଟିରୁ ସୀମାବର୍ତ୍ତୀ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ନିୟୋଜିତ ଏଜେନ୍ସିଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବାକୁ କେନ୍ଦ୍ର ସରକାର ବଜେଟ୍‌ରେ ଗୁରୁତ୍ୱ ଦେଇଛନ୍ତି। ଅଧିକ ଆବଣ୍ଟନ ମାଧ୍ୟମରେ ସୀମା ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପ୍ରୟାସରେ ସୀମା ସଡ଼କ ସଂଗଠନ (ବିଆରଓ)କୁ ବଜେଟ ଆବଣ୍ଟନ ୬,୫୦୦ କୋଟି ଟଙ୍କା କରାଯାଇଛି, ଯାହା କି ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୩୦% ଅଧିକ। ଆବଣ୍ଟିତ ବଜେଟ୍ ସୀମା ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। ୧୩,୭୦୦ ଫୁଟ ଉଚ୍ଚତାରେ ଲଦାଖର ନ୍ୟୁମା ଏୟାରଫିଲ୍ଡର ବିକାଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭାରତର ଦକ୍ଷିଣତମ ପଞ୍ଚାୟତକୁ ସ୍ଥାୟୀ ସେତୁ ସଂଯୋଗ, ହିମାଚଳ ପ୍ରଦେଶର ୪.୧ କିଲୋମିଟର ଶିଙ୍କୁ ଲା ଟନେଲ, ଅରୁଣାଚଳ ପ୍ରଦେଶର ନେଚିଫୁ ଟନେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପକୁ ଏହି ଆବଣ୍ଟନରୁ ପାଣ୍ଠି ଯୋଗାଇ ଦିଆଯିବ।

### ଅପରେଶନ ପ୍ରସ୍ତୁତି ପାଇଁ ବର୍ଦ୍ଧିତ ଆବଣ୍ଟନ

ଅପରେଶନ ପ୍ରସ୍ତୁତି ପାଇଁ ଲଗାତର ଅଧିକ ଆବଣ୍ଟନ ସଶସ୍ତ୍ର ବାହିନୀର ମନୋବଳ ବଢ଼ାଇଥାଏ। ସେମାନଙ୍କୁ ସର୍ବଦା ଯୁଦ୍ଧ ପାଇଁ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୯୨,୦୮୮ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହା ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଆବଣ୍ଟନ ତୁଳନାରେ ୪୮% ଅଧିକ। ବିମାନ ଏବଂ ଜାହାଜ ସମେତ ସମସ୍ତ ପ୍ଲାଟଫର୍ମକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ସୁବିଧା ଏବଂ ସହାୟତା ଯୋଗାଇବା ଏହାର ଉଦ୍ଦେଶ୍ୟ। ଏହାଦ୍ୱାରା ଗୋଳାବାରୁଦ କିଣିବାରେ ସୁବିଧା ହେବ।

### ଭାରତୀୟ ତଟରକ୍ଷୀ ବାହିନୀର ସାମର୍ଥ୍ୟ ବୃଦ୍ଧି

ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)କୁ ୭,୬୫୧.୮୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା କି ୨୦୨୩-୨୪ ଆର୍ଥିକ ବର୍ଷର ଆବଣ୍ଟନ ତୁଳନାରେ ୬.୩୧% ଅଧିକ। ସେଥିମଧ୍ୟରୁ ୩୫୦୦ କୋଟି ଟଙ୍କା କେବଳ ପୁଞ୍ଜି ବ୍ୟୟରେ ଖର୍ଚ୍ଚ ହେବ, ଯାହାଦ୍ୱାରା ହଠାତ୍ ସୃଷ୍ଟି ହେଉଥିବା ସାମୁଦ୍ରିକ ଆହ୍ୱାନର ମୁକାବିଲା କରିବ। ଏହାସହ ଅନ୍ୟ ଦେଶକୁ ମାନବିକ ସହାୟତା ଯୋଗାଇବା ପାଇଁ ଆଇସିଜିର ଅସ୍ତ୍ରଶସ୍ତ୍ରକୁ ସମୃଦ୍ଧ କରିବ।

### ସଶସ୍ତ୍ର ବାହିନୀର ହେବ ଆଧୁନିକୀକରଣ

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା କ୍ଷେତ୍ରକୁ ପୁଞ୍ଜି ହେଡ୍ ଅଧୀନରେ ବଜେଟ ଆବଣ୍ଟନ ୧.୭୨ ଲକ୍ଷ କୋଟି ଟଙ୍କା, ଯାହ କି ୨୦୨୨-୨୩ ଆର୍ଥିକ ବର୍ଷର ବାସ୍ତବ ବ୍ୟୟ ତୁଳନାରେ ୨୦.୩୩% ଅଧିକ ଏବଂ ୨୦୨୩-୨୪ ଆର୍ଥିକ ବର୍ଷର ସଂଶୋଧିତ ଆବଣ୍ଟନଠାରୁ ୯.୪୦% ଅଧିକ। ବର୍ଦ୍ଧିତ ବଜେଟ ଆବଣ୍ଟନ ସଶସ୍ତ୍ର ବାହିନୀକୁ ଅତ୍ୟାଧୁନିକ ଜ୍ଞାନକୌଶଳ, ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ଜାହାଜ, ବୁଡ଼ାଜାହାଜ, ପ୍ଲାଟଫର୍ମ, ମାନବବିହୀନ ଆକାଶଯାନ, ଡ୍ରୋନ, ବିଶେଷଜ୍ଞ ଯାନ ଇତ୍ୟାଦିରେ ସଜ୍ଜିତ କରିବା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ପୁଞ୍ଜି ଅଧିଗ୍ରହଣ ଉପରେ ବାର୍ଷିକ ନଗଦ ଅର୍ଥର ଆବଶ୍ୟକତା ପୂରଣ କରିବ।

# ନୂଆ ଟିକସ ବ୍ୟବସ୍ଥା
## ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫,୦୦୦କୁ ବୃଦ୍ଧି

କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କୁ ରିହାତି ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନୂଆ ଆୟକର ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦ ପ୍ରତିଶତ ବଢ଼ାଇ ୭୫,୦୦୦ ଟଙ୍କା କରିଛନ୍ତି। ଏହା ବେତନଭୋଗୀ ବର୍ଗଙ୍କ ହାତରେ ଅଧିକ ଅର୍ଥ ରହିବ। ସେମାନଙ୍କ କ୍ରୟଶକ୍ତି ବଢ଼ାଇବା ଲକ୍ଷ୍ୟରେ ଏହା କରାଯାଇଛି। ନୂଆ ଟିକସ ବ୍ୟବସ୍ଥାରେ ବେତନଭୋଗୀ କର୍ମଚାରୀମାନେ ଆୟକରରେ ବାର୍ଷିକ ୧୭,୫୦୦ ଟଙ୍କା ସଞ୍ଚୟ କରିପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ପେନସନଭୋଗୀ ପରିବାରଙ୍କ ପାଇଁ ଡିଡକ୍ସନ ୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୪ କୋଟି ବେତନଭୋଗୀ ଏବଂ ପେନସନଭୋଗୀ ଉପକୃତ ହେବେ। ଗତ ଆର୍ଥିକ ବର୍ଷରେ ଦୁଇତୃତୀୟାଂଶ ଟିକସଦାତା ନୂଆ ବ୍ୟକ୍ତିଗତ ଆୟକର ବ୍ୟବସ୍ଥାର ସୁବିଧା ପାଉଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ୮.୬୧ କୋଟିରୁ ଊର୍ଦ୍ଧ୍ୱ ଆଇଟି ରିଟର୍ନ ଦାଖଲ ହୋଇଥିଲା।

ନୂଆ ଆୟକର ବ୍ୟବସ୍ଥାରେ ବାର୍ଷିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ କରାଯାଇଛି। ୩ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୫ ପ୍ରତିଶତ ଟିକସ ଦେବାକୁ ହେବ। ସେହିପରି ୭ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୦% ଏବଂ ୧୦ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୫% ଟ୍ୟାକ୍ସ ଭରିବାକୁ ପଡ଼ିବ। ୧୨ରୁ ୧୫ ଲକ୍ଷ ଟଙ୍କା ଆୟ ଉପରେ ପୂର୍ବଭଳି ୨୦ ପ୍ରତିଶତ ଟିକସ ରହିଥିବାବେଳେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆୟକାରୀ ୩୦ ପ୍ରତିଶତ ଆୟକର ଦେବେ। ବର୍ତ୍ତମାନ ପ୍ରଚଳିତ ଆୟକର ବ୍ୟବସ୍ଥାରେ ୩ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୫%, ୬ରୁ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୧୦%, ୯ରୁ ୧୨ ଲକ୍ଷ ଏବଂ ୧୨ରୁ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଯଥାକ୍ରମେ ୧୫ ଓ ୨୦ ପ୍ରତିଶତ ଏବଂ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆୟକାରୀଙ୍କ ପାଇଁ ୩୦% ଆୟକର ଦେବାକୁ ପଡୁଥିଲା।

**ବ୍ୟକ୍ତିଗତ ଆୟକର (ନୂଆ ବ୍ୟବସ୍ଥା)**

| ପୁରୁଣା ସ୍ଲାବ୍ | | ନୂଆ ସ୍ଲାବ୍ |
|---|---|---|
| ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ଶୂନ | ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ |
| ୩-୬ ଲକ୍ଷ ଟଙ୍କା | ୫% | ୩-୭ ଲକ୍ଷ ଟଙ୍କା |
| ୬-୯ ଲକ୍ଷ ଟଙ୍କା | ୧୦% | ୭-୧୦ ଲକ୍ଷ ଟଙ୍କା |
| ୯-୧୨ ଲକ୍ଷ ଟଙ୍କା | ୧୫% | ୧୦-୧୨ ଲକ୍ଷ ଟଙ୍କା |
| ୧୨-୧୫ ଲକ୍ଷ ଟଙ୍କା | ୨୦% | ୧୨-୧୫ ଲକ୍ଷ ଟଙ୍କା |
| ୧୫ ଲକ୍ଷ ଟଙ୍କାରୁ ଅଧିକ | ୩୦% | ୧୫ ଲକ୍ଷ ଟଙ୍କାରୁ ଅଧିକ |

ବେତନଭୋଗୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦,୦୦୦ ଟଙ୍କାରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି

ପେନସନ ଭୋଗୀଙ୍କ ପାଇଁ ଫାମିଲି ପେନସନ ଉପରେ ଛାଡ଼ ୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି

# ସୀମାଶୁଳ୍କ ହ୍ରାସ
## ଘରୋଇ ଉତ୍ପାଦନ ବଢ଼ାଇବାକୁ ଉଦ୍ୟମ

ଘରୋଇ ଉତ୍ପାଦନ ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ବିଭିନ୍ନ ସାମଗ୍ରୀ ଉପରୁ ସୀମା ଶୁଳ୍କ ହ୍ରାସ କିମ୍ବା ପ୍ରତ୍ୟାହାର କରିଛନ୍ତି। ସୁନା, ରୁପା, ମୋବାଇଲ, ଫୋନ୍ ଓ ଚାର୍ଜର, ଔଷଧ ଓ ଡାକ୍ତରୀ ଉପକରଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଚମଡ଼ା ଓ ବୟନ ଶିଳ୍ପ ସାମଗ୍ରୀ ଉପରୁ ଟିକସ ହ୍ରାସ କରାଯାଇଛି। ଅନ୍ୟପକ୍ଷରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ନିମନ୍ତେ ରସାୟନ ଏବଂ ଟେଲିକମ୍ ଉପକରଣ ଉପରେ ସୀମାଶୁଳ୍କ ବୃଦ୍ଧି କରାଯାଇଛି। ମୋବାଇଲ ଫୋନ୍ ଓ ଚାର୍ଜର, ମୋବାଇଲ ପିସିବିଏ ଉପରେ ସୀମା ଶୁଳ୍କ ୨୦ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଛି। ଭାରତର ମୋବାଇଲ ଶିଳ୍ପ ପରିପକ୍ୱ ହେବା ସହ



ଉତ୍ପାଦନ ୩ ଗୁଣା ଏବଂ ଗତ ୬ ବର୍ଷରେ ମୋବାଇଲ ଫୋନ୍ ରପ୍ତାନି ୧୦୦ଗୁଣା ବଢ଼ିଥିବା ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ସୁନା, ରୁପା ଉପରୁ ସୀମା ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ ପାଇଛି। ଫଳରେ ରତ୍ନପଥର ଓ ଅଳଙ୍କାର ଶିଳ୍ପକୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ଲାଟିନମ୍ ଉପରେ ସୀମାଶୁଳ୍କ ୧୫.୫ରୁ ୬.୪ ପ୍ରତିଶତକୁ ହ୍ରାସ ପାଇଛି। କ୍ୟାନ୍ସର ଚିକିତ୍ସାରେ ବ୍ୟବହୃତ ୩ଟି ଔଷଧ ଉପରୁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ମେଡିକାଲ ଏକ୍ସ-ରେ ମେଶିନରେ ବ୍ୟବହୃତ ଏକ୍ସ-ରେ ଟ୍ୟୁବ୍ ଏବଂ ଫ୍ଲାଟ୍ ପ୍ୟାନେଲ ଡିଟେକ୍ଟର ଉପରୁ ଶୁଳ୍କ ଛାଡ଼ ହୋଇଛି। ସେହିପରି ଆଣବିକ ଶକ୍ତି, ପୁନଃନବୀକରଣଯୋଗ୍ୟ ଶକ୍ତି, ମହାକାଶ, ପ୍ରତିରକ୍ଷା, ଟେଲିକମ୍ ଏବଂ ହାଇଟେକ୍ ଇଲେକ୍ଟ୍ରୋନିକ୍ସ ଭଳି ସେକ୍ଟରରେ ବ୍ୟବହୃତ ହେଉଥିବା ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଉପରୁ ସୀମାଶୁଳ୍କ ଛାଡ଼ କରାଯାଇଥିବାବେଳେ ୨ଟି କ୍ରିଟିକାଲ ମିନେରାଲ ଉପରେ ଶୁଳ୍କ ହ୍ରାସ ହୋଇଛି।

# ଗ୍ରାମାଞ୍ଚଳ ଜମି ପାଇଁ ଭୂ-ଆଧାର

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ସଂସଦରେ କେନ୍ଦ୍ରୀୟ ବଜେଟ ୨୦୨୪-୨୫ ଉପସ୍ଥାପନ କରି କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଭୂମି ସମ୍ପର୍କିତ ସଂସ୍କାର ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଆଗାମୀ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଗ୍ରାମାଞ୍ଚଳର ସମସ୍ତ ଜମି ନିମନ୍ତେ ବିଶେଷ ଭୂଖଣ୍ଡ ଚିହ୍ନଟ ସଂଖ୍ୟା (ୟୁଏଲ୍‌ପିଆଇଏନ୍) ବା ଭୂ-ଆଧାର ବ୍ୟବସ୍ଥା କରାଯିବ। ଏହାସହିତ ଭୂମି ମାନଚିତ୍ରର ଡିଜିଟାଲୀକରଣ, ବର୍ତ୍ତମାନ ମାଲିକାନା ସ୍ୱତ୍ୱ ଅନୁସାରେ ମାନଚିତ୍ର ସର୍ବେକ୍ଷଣ, ଭୂ-ରେଜିଷ୍ଟ୍ରୀର ସ୍ଥାପନା ଏବଂ କୃଷକ ରେଜିଷ୍ଟ୍ରୀ ସହିତ ଏହାକୁ ସଂଯୋଗ କରାଯିବା ଆଦି ସାମିଲ ହେବ। ଏହିସବୁ କାର୍ଯ୍ୟ ଦ୍ୱାରା ଋଣ ପ୍ରବାହ ଏବଂ ଅନ୍ୟାନ୍ୟ କୃଷି ସମ୍ପର୍କିତ ସେବା ସୁଗମ ହୋଇପାରିବ। ସେହିପରି ସହରାଞ୍ଚଳ କ୍ଷେତ୍ରରେ ଭୂମି ସମ୍ପର୍କିତ ରେକର୍ଡକୁ ଜିଆଇଏସ୍ ମ୍ୟାପିଂ ସହିତ ଡିଜିଟାଲୀକରଣ କରାଯିବ।



# ଶସ୍ତା ହେବ ୩ କ୍ୟାନ୍ସର ଔଷଧ
## ସ୍ୱାସ୍ଥ୍ୟ: ୯୦,୯୫୮ କୋଟି

ଅର୍ଥମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ ୯୦,୯୫୮.୬୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ୧୨.୯୬ ପ୍ରତିଶତ ଅଧିକ। ଗତବର୍ଷ ଏହି କ୍ଷେତ୍ରକୁ ୮୦.୫୧୭.୬୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୩ଟି କ୍ୟାନ୍ସର ଚିକିତ୍ସା ପାଇଁ ରହିଥିବା ଔଷଧ ଟ୍ରାଷ୍ଟୁଜୁମାବ ହେରୁକ୍ସଟେକାନ, ଓସିମେର୍ଟିନିବ ଏବଂ ଡର୍ଭାଲୁମାବ ଉପରୁ ସରକାର ସୀମା ଶୁଳ୍କ ଛାଡ଼ କରିଛନ୍ତି। ଫଳରେ ଏହି ଔଷଧ ଶସ୍ତାରେ ଉପଲବ୍ଧ ହେବା ସହ କ୍ୟାନ୍ସର ରୋଗୀ ଉପକୃତ ହୋଇପାରିବେ। ସେହିପରି ପର୍ଯ୍ୟାୟ ଉତ୍ପାଦନ କାର୍ଯ୍ୟକ୍ରମରେ ଏକ୍ସ-ରେ ଟ୍ୟୁବ୍, ଏକ୍ସ-ରେ ମେଶିନରେ ବ୍ୟବହୃତ ଫ୍ଲାଟ୍ ପ୍ୟାନେଲ ଡିଟେକ୍ଟର ଉପରୁ ମୂଳ ସୀମା ଶୁଳ୍କ (ବିସିଡି)ରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଆୟୁଷ ମନ୍ତ୍ରଣାଳୟକୁ ବଜେଟରେ ୩,୭୧୨.୪୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା ଗତବର୍ଷ ୩,୦୦୦ କୋଟି ଟଙ୍କା ଥିଲା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଯୋଜନା ବାବଦରେ ୮୭,୬୫୬.୯୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହାକି ପୂର୍ବବର୍ଷ ୭୭,୬୨୪.୭୯ କୋଟି ଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ବ୍ୟୟବରାଦ ୩୧,୫୫୦.୨ କୋଟିରୁ ବଢ଼ି ୩୬,୦୦୦ କୋଟି ଟଙ୍କା ହୋଇଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ବ୍ୟୟବରାଦ ପୂର୍ବରୁ ୬,୮୦୦ କୋଟି ଥିବାବେଳେ ଏଥର ୭,୩୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ନ୍ୟାଶନାଲ ଟେଲି ମେଣ୍ଟାଲ ହେଲ୍ଥ ପ୍ରୋଗ୍ରାମକୁ ୯୦ କୋଟି ଏବଂ ନ୍ୟାଶନାଲ ଡିଜିଟାଲ ହେଲ୍ଥ ମିଶନକୁ ୨୦୦ କୋଟି ଟଙ୍କା ବଜେଟରେ ରଖାଯାଇଛି। ଏମ୍ସ ଭଳି ଅଟୋନୋମସ୍ ସଂସ୍ଥା ପାଇଁ ୧୮,୦୧୩.୬୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ପାଇଁ ୨,୭୩୨.୧୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି।



## ଓଡ଼ିଶା ପର୍ଯ୍ୟଟନର ବିକାଶ ହେବ

ଦେଶର ତୀର୍ଥକ୍ଷେତ୍ର ଏବଂ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶ୍ୱସ୍ତରୀୟ କରିବା ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବେ। ଗୟାର ବିଷ୍ଣୁପଦ ମନ୍ଦିର କରିଡର ଏବଂ ବିହାର ବୋଧଗୟାର ମହାବୋଧି ମନ୍ଦିରକୁ ଏହି ସହାୟତା ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କାଶୀ ବିଶ୍ୱନାଥ ମନ୍ଦିର କରିଡର ମଡେଲରେ ଏହି କରିଡରଗୁଡ଼ିକର ବିକାଶ କରାଯିବ। ଏହା ବ୍ୟତୀତ ବିହାରର ରାଜଗିର ଏବଂ ନାଳନ୍ଦାର ବିକାଶ ସମ୍ପର୍କରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶାର ସୌନ୍ଦର୍ଯ୍ୟ, କୀର୍ତ୍ତିରାଜି, କାରୁକାର୍ଯ୍ୟ, ବନ୍ୟପ୍ରାଣୀ ଅଭୟାରଣ୍ୟ, ପ୍ରାକୃତିକ ଭୂଖଣ୍ଡ ଏବଂ ବେଳାଭୂମିଗୁଡ଼ିକ ବିକଳ୍ପ ପର୍ଯ୍ୟଟନ ସ୍ଥଳ ହୋଇଥିବାବେଳେ ସେଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।



## ସହରାଞ୍ଚଳ ଗୃହ ଯୋଜନାରେ ୨.୨ ଲକ୍ଷ କୋଟି କେନ୍ଦ୍ରୀୟ ସହାୟତା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଅର୍ବାନ ଅଧୀନରେ ସହରାଞ୍ଚଳର ୧ କୋଟି ଗରିବ ଓ ମଧ୍ୟବିତ୍ତ ପରିବାରର ଗୃହ ଆବଶ୍ୟକତା ପୂରଣ ପାଇଁ ସରକାର ଋଣ ଉପରେ ପ୍ରସ୍ତାବିତ ସୁଧ ସବ୍‌ସିଡି ବାବଦରେ ଆଗାମୀ ୫ ବର୍ଷରେ ୨.୨ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଯୋଗାଇଦେବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଏହା ଘୋଷଣା କରିଛନ୍ତି। ଗୃହ ଆବଶ୍ୟକତା ପୂରଣ ପାଇଁ ୧୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ସରକାର ଭଡ଼ାଘର ବଜାର ପ୍ରୋତ୍ସାହନ ପାଇଁ ନୂଆ ନୀତି ଓ ନିୟମାବଳୀ ଆଣିବେ, ଯାହା ଉକ୍ତ ବଜାରକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରିବା ସହ ଉପଲବ୍ଧତା ବଢ଼ିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ରହିବା ପାଇଁ ହଲ୍ ଭଳି ବଡ଼ ଆଶ୍ରୟସ୍ଥଳ ସରକାରୀ ଘରୋଇ ଭାଗୀଦାରିତାରେ ନିର୍ମାଣ କରାଯିବ।



## ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ମଙ୍ଗଳବାର ବଜେଟ ଉପସ୍ଥାପନ ବେଳେ ସରକାର 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ'ର ଶୁଭାରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଅଭିଯାନ ଜନଜାତି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଏହି ଅଭିଯାନରେ ୬୩,୦୦୦ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ଏହାଦ୍ୱାରା ଦେଶର ୫ କୋଟି ଜନଜାତି ଲୋକଙ୍କୁ ଉପକୃତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।





## ଗ୍ରାମାଞ୍ଚଳ ବିକାଶ ପାଇଁ ୨.୬୬ ଲକ୍ଷ କୋଟି

ଗ୍ରାମାଞ୍ଚଳ ଭିତ୍ତିଭୂମି ସମେତ ଗ୍ରାମୀଣ ବିକାଶ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ୨.୬୬ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପିଏମ୍ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୩ କୋଟି ଅଧିକ ଗୃହ ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ସମ୍ପର୍କରେ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି, ୨୫,୦୦୦ ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯିବ।




## ଏମ୍ଏସ୍ଏମ୍ଇ ପାଇଁ ଋଣ ଗ୍ୟାରେଣ୍ଟି

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡ଼ିକ ବିନା ବନ୍ଧକ କିମ୍ବା ଥାର୍ଡ ପାର୍ଟି ଗ୍ୟାରେଣ୍ଟିରେ ମେଶିନ ଓ ଅନ୍ୟାନ୍ୟ ଉପକରଣ କ୍ରୟ ଲାଗି ଋଣ ପାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଋଣ ଗ୍ୟାରେଣ୍ଟି ଯୋଜନା ଘୋଷଣା କରିଛନ୍ତି। ଏମ୍ଏସ୍ଏମ୍ଇ ସମେତ ଉତ୍ପାଦନ ବିଶେଷକରି ଶ୍ରମିକ ପ୍ରୋତ୍ସାହନ ୟୁନିଟ୍‌ଗୁଡ଼ିକ ଉପରେ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏମ୍ଏସ୍ଏମ୍ଇଗୁଡ଼ିକର ଅଭିବୃଦ୍ଧି ଏବଂ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାକ୍ଷମ କରାଇବା ପାଇଁ ସରକାର ଏକ ପ୍ୟାକେଜ୍ ପ୍ରସ୍ତୁତ କରିଛନ୍ତି। ଏହି ପ୍ୟାକେଜ୍‌ରେ ଆର୍ଥିକ ଓ ପ୍ରଯୁକ୍ତିଗତ ସହାୟତା ଯୋଗାଇଦିଆଯିବ। ସ୍ୱତନ୍ତ୍ର ଭାବେ ଗଠିତ ସେଲ୍ଫ-ଫାଇନାନ୍ସିଂ ଗ୍ୟାରେଣ୍ଟି ପାଣ୍ଠି ପ୍ରତି ଆବେଦନକାରୀଙ୍କ ପାଇଁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କଭରଅପ୍ ଗ୍ୟାରେଣ୍ଟି ପ୍ରଦାନ କରିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ହ୍ରାସ ଋଣ ବାଲାନ୍ସ ଉପରେ ଋଣଗ୍ରହୀତାଙ୍କୁ ଅଗ୍ରିମ ଗ୍ୟାରେଣ୍ଟି ଦେୟ ଏବଂ ବାର୍ଷିକ ଗ୍ୟାରେଣ୍ଟି ଦେୟ ଦେବାକୁ ପଡ଼ିବ। ଏମ୍ଏସ୍ଏମ୍ଇଗୁଡ଼ିକୁ ସେମାନଙ୍କ ଅସୁବିଧା ସମୟରେ ବ୍ୟାଙ୍କ ଋଣ ସହାୟତା ବଜାୟ ରଖିବା ଲାଗି ନୂଆ ବ୍ୟବସ୍ଥା ଘୋଷଣା କରାଯାଇଛି। ଫଳରେ ଏହି ଉଦ୍ୟୋଗଗୁଡ଼ିକ ଏନ୍‌ପିଏ ସ୍ଥିତିକୁ ନ ଯାଇ ବ୍ୟବସାୟ ବଜାୟ ରଖିବା ପାଇଁ ଋଣ ପାଇପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ମୁଦ୍ରା ଋଣ ସୀମା ୨୦ ଲକ୍ଷକୁ ବୃଦ୍ଧି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶର ଉଦ୍ୟୋଗୀକରଣର ବିକାଶ ପାଇଁ ମୁଦ୍ରା ଋଣ ସୀମା ଦୁଇଗୁଣ ଅର୍ଥାତ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଋଣ ସୀମା ୧୦ ଲକ୍ଷ ଟଙ୍କା ଥିଲା। ତରୁଣ ବର୍ଗରେ ଯେଉଁମାନେ ଏହି ଋଣ ନେଇ ପରିଶୋଧ କରିଛନ୍ତି, ସେମାନଙ୍କୁ ବର୍ଦ୍ଧିତ ଋଣ ମିଳିପାରିବ। ଅଣକର୍ପୋରେଟ୍, ଅଣକୃଷି କ୍ଷୁଦ୍ର ଏବଂ ଅଣୁ ଉଦ୍ୟୋଗଗୁଡ଼ିକୁ ଆୟ ସୃଷ୍ଟି ପଦକ୍ଷେପରେ ବିନା ବନ୍ଧକରେ ମାଇକ୍ରୋ ଋଣ ସୁବିଧା ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ ଏପ୍ରିଲ ୮ରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଶୁଭାରମ୍ଭ କରିଥିଲେ।

# ଦବିଲା ସୁବର୍ଣ୍ଣପୁର- ଗବକୁଣ୍ଡ ଗ୍ରାମ୍ୟ ଉନ୍ନୟନ ରାସ୍ତା

ଗୋପ,୨୩।୭
(ଭାରତୀ ଭୂଷଣ ଉପାଧ୍ୟାୟ)



ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ରାଜ୍ୟ ସରକାର ଗୋପ ବ୍ଲକ ସହିତ ସତ୍ୟବାଦୀ ବ୍ଲକକୁ ସିଧାସଳଖ ସଂଯୋଗୀକରଣ ଯୋଜନା ଏବେ ଫେଲ ମାରିଛି। ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ରାସ୍ତାର ଅନେକ ସ୍ଥାନରେ ରାସ୍ତା ଦବି ଯାଇଛି। ମଙ୍ଗଳବାର ସକାଳେ ସୁବର୍ଣ୍ଣପୁର ନିକଟ ମଞ୍ଜନାଥ ମନ୍ଦିର ନିକଟରେ ରାସ୍ତା ଦବିଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ଏହି ସଂଯୋଗୀ ରାସ୍ତା ଏବେ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି।

ପ୍ରକାଶ ଯେ, ରାଜ୍ୟ ସରକାର ୨ ବ୍ଲକ ମଧ୍ୟରେ ସିଧାସଳଖ ସଂଯୋଗୀକରଣ କରିବା ଫଳରେ ଗୋପ ଓ ସତ୍ୟବାଦୀ ବ୍ଲକର ଶତାଧିକ ଗ୍ରାମବାସୀ ସିଧାସଳଖ ଯା' ଆସ କରିପାରିବେ। ଏଥିସହ ସତ୍ୟବାଦୀ ବ୍ଲକର ସୁଆଣ୍ଡୋଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥଳୀ ଓ ଗୋପ ବ୍ଲକର ଡଭାରଠାରେ ଥିବା କର୍ମସ୍ଥଳୀକୁ ପର୍ଯ୍ୟଟକମାନେ ଯାଇ ଦେଖିପାରିବେ। ସରକାର ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ଲାଗି ୮ କୋଟି ୬୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ପରେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। ସମ୍ପୃକ୍ତ ଠିକାଦାରି ସଂସ୍ଥା ଏହି କାମ ନେବା ପରେ ମନ୍ଥରଗତି ସହ ନିମ୍ନମାନର କାର୍ଯ୍ୟ କରିଥିଲା। କାର୍ଯ୍ୟ ଆରମ୍ଭ ତାରିଖ ୨୨।୩।୨୦୨୨ ଥିବାବେଳେ ୨୧।୩।୨୦୨୩ରେ କାର୍ଯ୍ୟ ଶେଷ ନେଇ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ସଂସ୍ଥା ଗତ ୨ ସପ୍ତାହ ତଳେ କାର୍ଯ୍ୟ ଶେଷ କରିଥିବାବେଳେ ଅନେକ ସ୍ଥାନରେ ଫେବର ବ୍ଲକ ଇଟା ରାସ୍ତା ଦବିଯିବା ସହ ମଙ୍ଗଳବାର ପିଚୁ ରାସ୍ତା ଦବି ଯାଇଥିବା ଜଣାପଡ଼ିଛି।

## ବିଭାଗୀୟ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କୋଟି କୋଟି ଟଙ୍କାର ଏହି ରାସ୍ତା ଏବେ ସାଧାରଣ ଲୋକଙ୍କ ଲାଗି ମରଣଯନ୍ତା ପାଲଟିଛି। ଫେବର ବ୍ଲକ ଇଟା ରାସ୍ତା ସହିତ ପିଚୁ ରାସ୍ତା ଦବି ଯିବାରୁ ଅନେକ ସ୍ଥାନରେ ମଧ ଦୁର୍ଘଟଣା ଘଟୁଛି। ଏହି ନିମ୍ନମାନର ରାସ୍ତା କାର୍ଯ୍ୟ ସହିତ ମଙ୍ଗଳବାର ମଞ୍ଜନାଥ ମନ୍ଦିର ନିକଟରେ ପିଚୁ ରାସ୍ତା ଦବି ଯିବାରୁ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟଙ୍କ ସମେତ ସ୍ଥାନୀୟ ଲୋକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗ କରିଛନ୍ତି। ଏପରି ରାସ୍ତା ଦବିଯିବା ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୂର୍ତ୍ତିଙ୍କୁ ପଚାରିବାରେ, ଅଭିଯୋଗ ଉପରେ ଗୁରୁତ୍ୱ ଦେବେ ବୋଲି କହିବା ସହ ରାସ୍ତା ଉପରେ କୌଣସି ସୂଚନା ଦେଇ ପାରି ନ ଥିଲେ।

## ଡେଙ୍ଗୁ ପାଇଁ ପଇଡ଼ ବ୍ୟବସାୟୀଙ୍କୁ ସଚେତନ କରାଯିବ



ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅଧିକାରୀମାନେ।

ସାକ୍ଷୀଗୋପାଳ,୨୩।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ରାଜ୍ୟରେ ଡେଙ୍ଗୁ ଓ ମ୍ୟାଲେରିଆ ଏବେ କାୟା ବିସ୍ତାର କରିବାରେ ଲାଗିଛି। ଅନେକ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲେ ମଧ ଲୋକଙ୍କ ସଚେତନତା ଅଭାବରୁ ଏହା ବ୍ୟାପୁଥିବା ଜଣାଯାଉଛି। ଏଥିପାଇଁ ସତ୍ୟବାଦୀ ବ୍ଲକରେ ମଙ୍ଗଳବାର ଏକ ବ୍ଲକସ୍ତରୀୟ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କର୍ମଶାଳା ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। କର୍ମଶାଳାରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱଜିତ୍ ମିଶ୍ର, ବିଡିଓ ଜ୍ୟୋତିରଞ୍ଜନ ଶତପଥୀ, ପିଏଚ୍ଓ କ୍ଷେତ୍ରମଣି ସେଠୀ ଓ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷକରି ରାସ୍ତାକଡ଼, ମନ୍ଦିର ନିକଟ ଓ ଅନ୍ୟ ପଇଡ଼ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଡେଙ୍ଗୁ ପାଇଁ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ପଇଡ଼ ବିକ୍ରି କରି ସାରିବା ପରେ ପଇଡ଼କୁ ଦୁଇ ଫାଳ ନ କରି ଏହାକୁ ଚାରିରୁ ପାଞ୍ଚ ଫାଳ କରିବା ଆବଶ୍ୟକ ବୋଲି କୁହାଯାଇଛି। ଯଦ୍ୱାରା ଏଥିରେ ପାଣି ନ ଜମି ଏଡିସ୍ ମଶା ସୃଷ୍ଟି ହେବେ ନାହିଁ। ପଇଡ଼ ବ୍ୟବସାୟୀଙ୍କୁ ସଚେତନ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହା ବାଦ ଛାତ ଉପରେ ଥିବା ଟାୟାର ଓ ଭଙ୍ଗା ଦଦରା କୁଣ୍ଡ ଆଦିରେ ୩ରୁ ଅଧିକ ଦିନ ଧରି ରହୁଥିବା ପାଣିରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ସୃଷ୍ଟିକାରୀ ମଶାବଂଶ ବୃଦ୍ଧି ହେଉଥିବା ବେଳେ ଘର ନିକଟରେ ଦୀର୍ଘ ଦିନ ଧରି ଜମି ରହୁଥିବା ପାଣି ଓ ଅନାବନା ଲତା ଓ ଗୁଳ୍ମ ଜାତୀୟ ଲତା ସଫା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକରେ କାର୍ଯ୍ୟରତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଏଏନ୍ଏମ୍ ଓ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟକ୍ରମ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଆଗକୁ ଏହି ସଚେତନତା ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା କର୍ମଶାଳା

## ସତ୍ୟବାଦୀ ହାଇସ୍କୁଲରେ ଶିକ୍ଷା ସପ୍ତାହ ଦିବସ ପାଳନ

ସାକ୍ଷୀଗୋପାଳ,୨୩।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ଚଳିତ ମାସ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ଦିବସ ପାଳନ ଅବସରରେ ସ୍ଥାନୀୟ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସବୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଟିଏଲ୍ଏମ୍ ଉପକରଣ ପ୍ରସ୍ତୁତ ହୋଇଥିଲା। ଏହି ଉପକରଣ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକଙ୍କ ଉପସ୍ଥିତିରେ ପ୍ରଦର୍ଶନ କରାଯାଇଥିଲା। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ର ଏଫ୍ଏଲ୍ଏନ୍ ସଂକ୍ରାନ୍ତୀୟ ତଥ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ତପସ୍ୱିନୀ ତ୍ରିପାଠୀ, ସୌଦାମିନୀ ନାୟକ, ଶିକ୍ଷକ ବସନ୍ତ ସ୍ୱାଇଁ, ସୁଚିତ୍ର ଖଟେଇ, ବିଶ୍ୱନାଥ ସ୍ୱାଇଁ ଓ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନର ବିଭିନ୍ନ ସରଳ ଦିଗ ଉପରେ ପିଲାଙ୍କୁ କିଭଳି ଶିକ୍ଷା ଦିଆଯିବ, ସେ ବିଷୟରେ କହିଥିଲେ। ଶିକ୍ଷା ସପ୍ତାହରେ ପିଲାମାନେ ଗୀତ, ଖେଳ, କବିତା, ମାତ୍ରାକାର୍ଡ, ଶବ୍ଦକାର୍ଡ, ବଲଖେଳ, ଡ୍ରାମା, ଅଭିନୟ, ଏକକ ଅଭିନୟ, କଥୋପକଥନ, ଡ୍ରଇଂ, ଶବ୍ଦଖେଳ, ଶବ୍ଦଶୃଙ୍ଖଳ, ଅନ୍ତାକ୍ଷରୀ, ମିତ୍ରାକ୍ଷରୀର ବ୍ୟବହାର ସମ୍ପର୍କରେ ଶିକ୍ଷା ଦିଆଯିବ। ଏହିଭଳି ଶିକ୍ଷାଦାନ ଯୋଗୁ ପିଲାମାନେ ଭଲ ପାଠ ପଢିବା ସହ ତାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଓ ବୌଦ୍ଧିକ ଶିକ୍ଷା ଅର୍ଜନ କରିବାରେ ଏହା ଉତ୍ତମ ଫଳପ୍ରଦ ପଦକ୍ଷେପ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଥିଲେ।



ସତ୍ୟବାଦୀ ହାଇସ୍କୁଲରେ ଶିକ୍ଷା ସପ୍ତାହ ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ।

## ବରଗଛ ଉପୁଡ଼ି ରାସ୍ତା ବନ୍ଦ

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ନିକଟସ୍ଥ ରାସ୍ତାକଡ଼ରେ ରହିଥିବା ଏକ ବରଗଛ ମଙ୍ଗଳବାର ସନ୍ଧ୍ୟାରେ ଉପଡ଼ି ପଡ଼ିବାରୁ ଦୀର୍ଘ ଘଣ୍ଟାଏ ଧରିରାସ୍ତା ବନ୍ଦ ରହିଥିଲା। ଖବରପାଇ ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଗଛକୁ ହାଣି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ବରଗଛଟି ବହୁ ଦିନର ହୋଇଥିବାବେଳେ ଲଗାଣ ବର୍ଷାରେ ଉପଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଦିବସ ପାଳିତ

କଣାସ,୨୩।୭(ବିଭୂତି ଭୂଷଣ ତ୍ରିପାଠୀ)

ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଚଳନର ୪ର୍ଥ ବାର୍ଷିକ ଅବସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶରେ ଚଳିତ ମାସ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ କରାଯାଉଛି। ଏହାର ଦ୍ୱିତୀୟ ଦିବସରେ ମଙ୍ଗଳବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ ପୁରୀ ଜିଲା ଅଧୀନ କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଆକର୍ଷଣୀୟ ଭାବେ ପାଳିତ ହୋଇଯାଇଛି। ସେମବାର ପ୍ରଥମ ଦିବସରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ବିଭିନ୍ନ ସାମଗ୍ରୀକୁ ବ୍ୟବହାର କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ବାରଦା ବାଦଲପୁର ସାଧନକେନ୍ଦ୍ର ଅଧୀନ ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀକୁ ପ୍ରଦର୍ଶନ କରାଯାଇଥିଲା। ଦ୍ୱିତୀୟ ଦିବସରେ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ କରିବାକୁ ବିଦ୍ୟାଳୟରେ ଏଥି ସମ୍ପର୍କିତ ଆଲୋଚନାଚକ୍ର ଏବଂ କର୍ମଶାଳା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର କୌତୁକ ଖେଳ ଓ କାର୍ଯ୍ୟ ମଧ୍ୟରେ ସେମାନଙ୍କ ବିଭିନ୍ନ ଦକ୍ଷତାର ବିକାଶ ପାଇଁ ଚେଷ୍ଟା କରାଯାଇଥିଲା। ପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚିତ୍ର କାର୍ଯ୍ୟ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିବାବେଳେ ଇୟାହୁପାତ୍ର 'ଆପ୍' ଦ୍ୱାରା ପ୍ରସ୍ତୁତ ଶିକ୍ଷଣ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରଙ୍କୁ ପ୍ରଦର୍ଶନ କରାଯାଇଥିଲା। ସାଧନକେନ୍ଦ୍ର ସଂଯୋଜକ ଓ ସହଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ।



ଶିକ୍ଷା ସପ୍ତାହର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ।

## ମହିଳାଙ୍କ ଭ୍ୟାନିଟି ଚୋରି କରି ଯୁବକ ଗିରଫ

ନିମାପଡ଼ା,୨୩।୭(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ନାକଡିହ–ଆଳିପିଙ୍ଗଳ ରାସ୍ତାରେ ଜଣେ ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଲୁଟି ନେବା ଅଭିଯୋଗରେ ପୋଲିସ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ଗୁଆପୁରୁ ଗ୍ରାମର ସାଗର ଦାସ(୨୦)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପୋଲିସ ସାଗରଙ୍କଠାରୁ ଏକ ବାଇକ୍, ମହିଳାଙ୍କ ଲୁଟ୍ ଭ୍ୟାନିଟି, ଟାବଲେଟ୍, ୨ ହଜାର ଟଙ୍କା ଜବତ କରିଛି। ଏଥିସହ ୨୨୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୋମବାର ସାଗର ଏକ ବାଇକ୍‌ରେ ଆସି ଉକ୍ତ ମହିଳାଙ୍କୁ ପିଛା କରି ଅଟକାଇଥିଲେ। ଛୁରି ଦେଖାଇ ଧମକ ଦେଇ ତାଙ୍କଠାରୁ ଭ୍ୟାନିଟି ନେଇଯାଇଥିଲେ। ଏନେଇ ସେ ନିମାପଡ଼ା ଥାନା ଅଭିଯୋଗ କରିଥିଲେ।

## ସୁରଟ୍‌ରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ସୁରଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁର ୪ ଦିନ ପରେ ମଙ୍ଗଳବାର ଅପରାହ୍ନରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଏକ ଶୋକାକୁଳ ପରିବେଶରେ ଗ୍ରାମବାସୀ ଗୋପଠାରୁ ମୃତଦେହ ଆସିଥିବା ଆମ୍ବୁଲାନ୍ସକୁ ଶୋଭାଯାତ୍ରାରେ ନେଇଥିଲା। ଗାଁ ଶ୍ମଶାନରେ ଶବଦାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ଶିଶୋ ଗ୍ରାମର ଚାଇଁଆ ବାରିକ୍‌ଙ୍କ ୨ ପୁଅ ମିଥୁନ ବାରିକ୍ ଓ କାଳିଆ ବାରିକ୍ ସୁରଟର ଏକ ପେପର ମିଲ୍‌ରେ କାର୍ଯ୍ୟ କରୁଥିଲେ। ଗତ ୨୦ ତାରିଖ ସକାଳେ ମିଥୁନଙ୍କୁ ବିଦ୍ୟୁତ୍ ଆଘାତ ଲାଗି ମୃତ୍ୟୁ ଘଟିଥିଲା। ଏହି ଖବର ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ମଙ୍ଗୁଳି ବାରିକ୍‌ଙ୍କ ସହଯୋଗ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ୟମରେ ସରକାରୀ ଖର୍ଚ୍ଚରେ ମଙ୍ଗଳବାର ଗାଁ ମୃତଦେହ ପହଞ୍ଚିଛି। ସମ୍ପୃକ୍ତ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ରାଜକିଶୋର ନାୟକ, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗୋଟିଏ ରାତିରେ ୫ ଚୋରି ଘଟଣାରେ ଜଣେ ଅଭିଯୁକ୍ତ ଗିରଫ

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତରେ ଗୋଟିଏ ରାତିରେ ୫ଟି ଘରୁ ଲକ୍ଷାଧିକ ଟଙ୍କା ଚୋରି ହେବା ଅଭିଯୋଗରେ ଗୋପ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ଏରବଙ୍ଗ ଗ୍ରାମର ଗୋପ ନାରାୟଣ ସେଠୀ (୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିପ୍ଲବ ପ୍ରଧାନ କହିଛନ୍ତି। ପୋଲିସ କୌଣସି ସୁନା ଅଳଙ୍କାର ଓ ଚୋରି ଟଙ୍କା ଜବତ କରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୬ ତାରିଖ ରାତିରେ ବୀରତୁଙ୍ଗର ବିଭିନ୍ନ ଗାଁରୁ ସିରିଜ୍ ଚୋରି ହୋଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଥିଲା। ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଏନେଇ ୨୦୮/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରୁଥିଲା। ତେବେ ଏହି ଚୋରି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଗୋପଙ୍କୁ ପୋଲିସ ସୋମବାର ରାତିରେ ଗିରଫ କରିବାରେ ସଫଳ ହୋଇଥିଲା। ଦୀର୍ଘଦିନ ଧରି ଗୋପ ଥାନାରେ ପୋଲିସ ଅଫିସର ଓ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ପାଟ୍ରୋଲିଂ ନ ହେବାରୁ ଚୋରି ଡକାୟତି ଭଳି ଅନ୍ୟାନ୍ୟ ଘଟଣା ବୃଦ୍ଧି ପାଉଛି। ଜିଲା ଏସ୍‌ପି ଏପରି ଅଭିଯୋଗ ପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି।

## ଖାଦ୍ୟ ସୁରକ୍ଷା କାର୍ଡ ନାମରେ ଆସୁଛି ଫେକ୍ ଫୋନ୍ କଲ୍

ଅସ୍ତରଙ୍ଗ,୨୩।୭
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଖାଦ୍ୟ ସୁରକ୍ଷା କାର୍ଡ ନାମରେ ଫେକ୍ ଫୋନ କଲ୍ ଆସୁଥିବା ଜଣାପଡ଼ିଛି। ନୂତନ କାର୍ଡ କରାଯାଉଥିବା ନେଇ ଫୋନ କଲ୍‌ରେ ସୂଚନା ଦିଆଯାଉଛି। ସରକାରୀ ଚାକିରିଆ ଓ ଧନିକ ଶ୍ରେଣୀଠକଙ୍କ ଟାର୍ଗେଟରେ ରହିଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ କରାଳ ଗ୍ରାମର ଜଣେ ସରକାରୀ ଚାକିରିଆଙ୍କୁ ୨ ଦିନ ପୂର୍ବେ ଏହି ପରି ଫୋନ କଲ୍ ଆସିଥିଲା। ରାଶନ କାର୍ଡ ପାଇଁ କଲ୍ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ, ଭେରିଫିକେଶନ ପାଇଁ ତାଙ୍କ ବାପାଙ୍କ ନାମ, ଫୋନ ନମ୍ବର ଓ ଅନ୍ୟ ତଥ୍ୟ ମଗିଥିଲେ। ହେଲେ ବ୍ୟକ୍ତି ଜଣଙ୍କ ଏପରି କୌଣସି ରାଶନ କାର୍ଡ ଆବେଦନ କରି ନ ଥିବା କହିଥିଲେ।

### ଠକଙ୍କ ଟାର୍ଗେଟରେ ସରକାରୀ ଚାକିରିଆ, ଧନିକ ଶ୍ରେଣୀ

୧୦ଦିନ ପୂର୍ବରୁ ଇନାୟିତିପୁର ଗ୍ରାମର ଜଣେ ସରକାରୀ ଶିକ୍ଷକଙ୍କ ପାଖକୁ କଲ୍ ଆସିଥିଲା। ଏଥିରେ ପୁଣି କାର୍ଡ ଭେରିଫିକେସନ କରାଯାଉଥିବା କୁହାଯାଇଥିଲା। ସେହିପରି ମୋଟା ଆୟକର ଓ ଜିଏସ୍‌ଟି ଗଣୁଥିବା ଧନିକ ଶ୍ରେଣୀୟ ବ୍ୟକ୍ତିଙ୍କୁ ପ୍ରାୟ ୧୦ଦିନ ମଧ୍ୟରେ ୨ ଥର ସମାନ ପ୍ରକାର ଫୋନ କଲ୍ ଆସି ସାରିଲାଣି। ଏଥିରେ ଅତିଷ୍ଠ ହୋଇ ବ୍ୟକ୍ତି ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସୁଧାକର ମଲ୍ଲିକଙ୍କୁ ପଚାରିବାରୁ, ଏହି ପରି ଫୋନ କଲ୍ ବିଷୟରେ କିଛି ଅବଗତ ନାହାଁନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା ଫୋନ କଲ୍ ସେଭଳି କଲ ପ୍ରତି ଦୂରେଇ ରହିବାକୁ ସେ କହିଥିଲେ। ଏବେ ପର୍ଯ୍ୟନ୍ତ ନୂତନ ସୁରକ୍ଷା କାର୍ଡ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଅସ୍ତରଙ୍ଗ ବ୍ଲକରେ ୧୪ ହଜାର ୬୧୭ ଜଣ ପିଏଚ୍ଏସ୍ ଓ ୨୦୭୯ ଜଣ ଅନ୍ତ୍ୟୋଦୟ ଯୋଜନାରେ କାର୍ଡ ରହିଛି। ଠକେଇ ଫୋନ କଲ୍ କେତେଜଣ ଠକ ଶ୍ରେଣୀୟ ଲୋକ କରୁଥିବା ସନ୍ଦେହ କରାଯାଉଛି। ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୨୬ଜଣ ରିଟେଲର ସହାୟତାରେ ରାଶନ କାର୍ଡଧାରୀଙ୍କୁ ସରକାର ଚାଉଳ ବିତରଣ କରୁଛନ୍ତି।

## ୨ ମୁଖ୍ୟ ଡାକ୍ତର ସମେତ ୮ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି

କଣାସ,୨୩।୭(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ପାଣିଧନର ସୁରକ୍ଷା ପାଇଁ ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ପୁରୀ ଜିଲା କଣାସ ବ୍ଲକରେ ୨ ମୁଖ୍ୟ ପ୍ରାଣୀ ଚିକିତ୍ସକ ଓ ୮ଟି ପ୍ରାଣିଧନ ନିରୀକ୍ଷକ ପଦବୀ ଖାଲିପଡ଼ିଥିବାରୁ ଗୋସମ୍ପଦ ରଖିଥିବା ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାସହ ଗୋରୁ ବାହାରକୁ ବିକ୍ରି କରି ଦେଉଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ ପଡ଼ା ଗ୍ରାମର ଗାଈ, ମଇଁଷି, ଛେଳି, ମେଣ୍ଢା, ବତକ, କୁକୁଡ଼ାଙ୍କ ଚିକିତ୍ସା ପାଇଁ କଣାସଠାରେ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ବିନ୍ଧଣ, ହଳଦିଆପଡ଼ା, ବାରିମଣ୍ଡଳ, ନାନକେରା, କେଶରପୁର, ବକୁ, ସାହୁପଡ଼ା, ବଡାଲ, ଗଡଖାରଦ, ଗଡିଶାଗୋଦା, ଯୋଡାପଦରଠାରେ ୧୧ଟି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରମାନ ଖୋଲାଯାଇଛି। କଣାସଠାରେ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ଦିନ ହେଲା ବିଭିଓ ଓ ଭିଏସ୍ ମୁଖ୍ୟ ପଦବୀ ୨ଟି ଖାଲି ପଡ଼ିଥିବାବେଳେ ୨ ଜଣ ପିଅନ୍ ନ ଥିବା ଜଣାପଡ଼ିଛି। ସେହିପରି ୧୧ଟି ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ହଳଦିଆପଡ଼ା, ନାନାକେରା, ବଡ଼ାଲ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପାଣିଧନ ନିରୀକ୍ଷ ଥିବାବେଳେ ଅବଶିଷ୍ଟ ୮ଟି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପାଣିଧନ ନିରୀକ୍ଷକ ପଦବୀ ଖାଲିପଡ଼ିଛି। ଗୋପାଳକମାନେ ତାଙ୍କ ଗୋସମ୍ପଦର ଠିକ୍ ସମୟରେ ଚିକିତ୍ସା କରି ନ ପାରି ଗୋପାଳନରୁ ଦୂରେଇ ଯାଉଛନ୍ତି। କଣାସ ବ୍ଲକର ଚିଲିକା ନିକଟବର୍ତ୍ତୀ ଗ୍ରାମପଞ୍ଚାୟତଗୁଡ଼ିକରେ ବର୍ଷା ଦିନେ ଗାଈ, ମଇଁଷି, ବଳଦଙ୍କୁ ଶାହଣ ଓ ବଜବଜିଆ ରୋଗ ହେଉଥିବାରୁ ପ୍ରତ୍ୟେକ ବର୍ଷ ଶାହଣ ଓ ବଜବଜିଆ ଟିକା ଦିଆଯାଇଥାଏ। ଚଳିତବର୍ଷ ୧୪ଜଣ ଯୁବକଙ୍କୁ ଟିକା ଦେବାକୁ ନିଯୁକ୍ତି ହୋଇଥିବାରୁ ସମସ୍ତ ଗୋରୁଙ୍କୁ ବଜବଜିଆ ଓ ଶାହାଣ ଟିକା ଦିଆଯାଇଥିବା କଣାସ ମୁଖ୍ୟ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ଭିଏସ୍ ଡାକ୍ତର ଅଂଶୁମାନ ଜେନା କହିଛନ୍ତି। ମାତ୍ର ୩ ଜଣ ପ୍ରାଣିଧନ ନିରୀକ୍ଷ ଥିବାରୁ ଜଣକୁ ୬ଟି ଲେଖାଏ ପଞ୍ଚାୟତ ଦେଖିବାକୁ ପଡୁଥିବାରୁ ସମସ୍ତ ପଞ୍ଚାୟତ ଠିକ୍ ସମୟରେ ବୁଲି ଦେଖିପାରୁ ନାହାନ୍ତି। ଅନେକ ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଫିସ୍ ଖୋଲୁ ନାହିଁ। ଯାହାଦ୍ୱାରା କି ମୁଖ୍ୟ ଫାଟକଗୁଡ଼ିକରେ ଲଟାଗଛ ମାଡି ଯାଇଥିବା ଦେଖିବାକୁ ମିଳୁଛି।



ଗଡ଼ିଶାଗୋଦା ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ଲତା ମାଡ଼ି ଯାଇଛି।

### କଣାସ ବ୍ଲକରେ ନାମକୁ ପ୍ରାଣୀ ଚିକିତ୍ସା କେନ୍ଦ୍ର

## ସଂକ୍ଷେପରେ

### ୭ ମୋବାଇଲ୍ ଜବତ, ଅଭିଯୁକ୍ତ ଗିରଫ



**କଟକ,୨୩।୭(କାର୍ତ୍ତିକ ସାହୁ)**

ଲୁଟ୍ ଘଟଣାରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମେରିଆ ବଜାର ଅଞ୍ଚଳର ହରିହର ନାୟକ(୩୪)। ତାଙ୍କ ନିକଟରୁ ୭ଟି ଚୋରି ମୋବାଇଲ ଜବତ ହୋଇଛି। ସେ ଜଣେ ପେସାଦାର ଲୁଟେରା ବୋଲି ପୋଲିସ ଜାଣିବାକୁ ପାଇଛି। ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ତଥା ହରିହରଙ୍କ ସହଯୋଗୀ ଜଗା ରାଓ ବାରଙ୍ଗ ଥାନାର ଏକ ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନା ଅନୁସାରେ, ୨୦୨୩ ସେପ୍ଟେମ୍ବର ୧୯ ତାରିଖ ରାତି ପ୍ରାୟ ୮ଟାରେ ମଙ୍ଗଳାବାଗ ମଝିସାହିର ଦୀପ୍ତିମୟୀ ସାହୁ ସାଇକେଲ ଚଳାଇ ମହାନଦୀ ରିଂବନ୍ଧସ୍ଥିତ ଏକ ହସ୍ପିଟାଲକୁ ଯାଉଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗକୁ ଛଡ଼ାଇ ଫେରାର ହୋଇଯାଇଥିଲେ। ସେହି ଭ୍ୟାନିଟିରେ ଦାମୀ ମୋବାଇଲ ସହ ୮ ହଜାର ଟଙ୍କା ଥିବା ନେଇ ଦୀପ୍ତିମୟୀ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ। ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କିଛିଦିନ ତଳେ ତ୍ରିଶୁଳିଆ ଛକ ନିକଟରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ମହିଳାଙ୍କ ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଏହି ଘଟଣାରେ ବାରଙ୍ଗ ପୋଲିସ ଗତ ଶୁକ୍ରବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରାବେଳେ ସହରରେ ସକ୍ରିୟ ଥିବା ଏକ ବଡ଼ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଥିଲା। ବାରଙ୍ଗ ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ମଧ୍ୟରେ ହରିହରଙ୍କ ସହଯୋଗୀ ଜଗା ରହିଥିଲା। ତେବେ ହରିହର ଓ ଜଗା ମିଶି ଦୀପ୍ତିମୟୀଙ୍କଠାରୁ ଲୁଟ୍ କରିଥିବା ଜଣାପଡ଼ିଥିଲା। ପରେ ମଙ୍ଗଳାବାଗ ପୋଲିସ ସୋମବାର ରାତିରେ ଚଢ଼ାଉ କରି ହରିହରଙ୍କୁ ଗିରଫ କରିଥିଲା।

### ଗୋମାଂସ ବୋଝେଇ ଗାଡ଼ି ଜବତ

**କଳାପଥର,୨୩।୭(ଗଙ୍ଗାଧର ସାହୁ)**

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ମଧୁଆପଲ୍ଲୀ ବଘେଇ ରାସ୍ତାର ମା'ବରଡାଳିଆ ପୀଠ ନିକଟରୁ ଏକ ଗୋମାଂସ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଛି। ତେବେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହି ଗୋମାଂସ କେଉଁଠାରୁ କେଉଁଠାକୁ ଯାଉଥିଲା ଏବଂ ଏଥିରେ ସମ୍ପୃକ୍ତ ଥିବା ମାଫିଆମାନେ କେଉଁ ଅଞ୍ଚଳର ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ପରିଷଦର ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ଦାବି କରିଛନ୍ତି।

# ଶଟର ତାଡ଼ି ନେଇଗଲେ ୨.୫ ଲକ୍ଷ

**କଟକ,୨୩।୭(କାର୍ତ୍ତିକ ସାହୁ)**

ଶଟର ତାଡି ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଦୋକାନରୁ ୨.୫ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଦୋକାନ ମାଲିକ ଦେବେନ୍ଦ୍ର କୁମାର ସାହୁ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୨/୨୪) ରୁଜୁ କରିଛି। ଏଥିସହ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଚୋରି ବେଳର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ପୋଲିସ ଉକ୍ତ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ସେଥିରୁ ଅନେକ କିଛି ପ୍ରମାଣ ମିଳିଛି, ଯାହା ତଦନ୍ତରେ ସହାୟକ ହେବ ବୋଲି ପୋଲିସ ଆଶାବାଦୀ ରହିଛି।

କଟକ ଜିଲା ମଧୁପାଟଣା ଥାନା ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନର ଲୁହା ଶଟର ତାଡି ସୋମବାର ରାତିରେ ଚୋରି ହୋଇଛି।

ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ୪ ଜଣ ଦୁର୍ବୃତ୍ତ ଉକ୍ତ ଦୋକାନ ନିକଟରେ ପହଞ୍ଚି ଶଟରରେ ପଡିଥିବା ତାଲା ତାଡ଼ି ଦେଇଥିଲେ। ଶଟରକୁ ତାଡ଼ି ବାହାର କରିଦେବା ପରେ ଦୋକାନ ମଧ୍ୟରେ ପଶି କଳା କାରନାମା ଦେଖାଇଥିଲେ। ଧଳା ଶାର୍ଟ ଓ ଧୂସର ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଜଣେ ଯୁବକ ଶଟର ତଳ ଦେଇ ଦୋକାନ ଭିତରକୁ ଆସିଥିଲେ। ସେ ହାତରେ ଗୋଟିଏ ଟର୍ଚ୍ଚ ଧରି ଆଖପାଖକୁ ଦେଖିଥିଲେ। ପରେ କ୍ୟାଶ୍ କାଉଣ୍ଟର ଭିତରେ ପଶି ୨/୩ଟି ଡ୍ରୟାରକୁ ଟାଣି ଦେଖିଥିଲେ। ହେଲେ ଡ୍ରୟାରଗୁଡ଼ିକରୁ କିଛି ପାଇ ନ ଥିଲେ। ସେଠାରେ ଥିବା ଚେୟାରରେ ବସିବା ପରେ ପାଟିରେ ଟର୍ଚ୍ଚଟିକୁ କାମୁଡ଼ି ଟର୍ଚ୍ଚ ଲାଇଟ୍ ପକାଇଥିଲେ। ତାଲା ପଡ଼ିଥିବା ଡ୍ରୟାର ଦେଖି ପକେଟରୁ ଏକ ବଡ଼ ପେଚ୍‌କସ୍ ବାହାର କରିଥିଲେ। ସାମ୍ନାରେ କ୍ୟାଶ୍ ଥିବା ଡ୍ରୟାରକୁ ତାଡ଼ି ତାଲା ଭାଙ୍ଗି ଦେଇଥିଲେ। ପରେ ଡ୍ରୟାର ଭିତରୁ କେତେକ ଟଙ୍କାବିଡ଼ା ବାହାର କରି କ୍ୟାଶ କାଉଣ୍ଟର ଟେବୁଲରେ ରଖିଥିଲେ। ସେଠାରେ ଥିବା ଏକ କ୍ୟାରି ବ୍ୟାଗ୍‌ରେ ଟଙ୍କା ବିଡ଼ାଗୁଡ଼ିକୁ ଭର୍ତ୍ତି କରିଥିଲେ। ସେଠାରୁ ଦୋକାନର ଅନ୍ୟ ଜାଗାକୁ ଯାଇ ଖୋଜାଖୋଜି କରୁଥିବା ଶବ୍ଦରୁ ଜଣାପଡିଛି। ମାତ୍ର ଦୋକାନ ମଧ୍ୟରୁ ଅନ୍ୟ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କେବଳ ଦୋକାନ ମଧ୍ୟରୁ ଉପରୋକ୍ତ ପରିମାଣର ଅର୍ଥ ଚୋରି ହୋଇଥିବା ମାଲିକ ସାହୁ ଏତଲାରେ ଦର୍ଶାଇଛନ୍ତି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଏନେଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଚିତ୍ତରଞ୍ଜନ ରାଉତ କହିଛନ୍ତି।

### ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ






ବିଭିନ୍ନ ଦାବି ନେଇ ଇଷ୍ଟ କୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନ ପକ୍ଷରୁ ମଙ୍ଗଳବାର କଟକ ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନୂତନ ଏଜିଙ୍କୁ ସମ୍ବର୍ଦ୍ଧନା



ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କୁ ସିଡିଏସ୍ଥିତ ତାଙ୍କ ବାସଭବନରେ ଭାଜପା କର୍ପୋରେଟରମାନେ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି।

**କଟକ,୨୩।୭(କାର୍ତ୍ତିକ ସାହୁ)**

ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନୂତନ ଆଡ୍‌ଭୋକେଟ୍ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ପରିଷଦର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ପ୍ରତିନିଧି ଭକ୍ତଭୂଷଣ ବାରିକ ମିଳିତ ଭାବେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ନୂତନ ଏଜିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ବିଭୁପ୍ରସାଦ ତ୍ରିପାଠୀ ଓ ଆଇନଜୀବୀମାନେ ବକ୍ତବ୍ୟ ପ୍ରଦାନ କରି ସାମଗ୍ରିକ ସମସ୍ୟା ସଂକ୍ରାନ୍ତରେ ଏଜିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା, ଆଡ୍‌ଭୋକେଟ୍ ଏକାଡେମୀ ଗଠନ ନିମନ୍ତେ ଜମି, ଆର୍ଥିକ ଅନୁଦାନ ଆଦି ଭିତ୍ତିଭୂମି ଯୋଗାଣ, ଓଡ଼ିଶା ରାଜ୍ୟ ଲ' କମିଶନ ଗଠନ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଦିଆଯାଉଥିବା ଅନୁଦାନ ରାଶି ୫ କୋଟିରୁ ୨୦ କୋଟିକୁ ବୃଦ୍ଧି କରାଯିବା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ପୀତାମ୍ବର କହିଛନ୍ତି, ସମସ୍ତ ଆଇନଜୀବୀ ମୋର ପରିବାର। ଆଇନଜୀବୀଙ୍କ କଲ୍ୟାଣ ନିମନ୍ତେ ଯଥାସାଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ପୀତାମ୍ବର ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚିତ ସଦସ୍ୟ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିସହ ପରିଷଦର ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଓ ନିଷ୍ପତ୍ତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ସେହିପରି କଟକ ମହାନଗର ନିଗମର ଭାଜପା କର୍ପୋରେଟରମାନେ ଏଜି ଆଚାର୍ଯ୍ୟଙ୍କୁ ସିଡିଏସ୍ଥିତ ତାଙ୍କ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କର୍ପୋରେଟର ଗଗନ ଓଝା, ଗୋପାଳ ବେହେରା, ଦୀପକ ଦାସ ଏବଂ ଲକ୍ଷ୍ମୀଧର ବେହେରା ପ୍ରମୁଖ ଏଜିଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନିଶ୍ଚିନ୍ତକୋଇଲି,୨୩।୭(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ମାଣିକପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକମାନେ ମଙ୍ଗଳବାର ଧାରଣା ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପ ଯୋଗୁ ମାଣିକପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଛି। ସେ ମଙ୍ଗଳବାର ଜଣେ ନବାଗତ ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ ସେମାନେ ଧାରଣା ଦେଇଥିବା କହିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷୟିତ୍ରୀ ଅନ୍ୟତ୍ର ବଦଳି କରିବାକୁ ଦାବି ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉଦିପ୍ତ ନାୟକଙ୍କ ନେତୃତ୍ୱରେ ଛାତ୍ର ଅଭିଭାବକ ସୂଚୀ ତନଜା ସ୍ୱାଇଁ, ସସ୍ମିତା ମହାନ୍ତି, ଗଙ୍ଗାଧର ନାୟକ,ପ୍ରଭାତ କୁମାର ନାୟକ,ପି.କେ. ମଲିକ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ। ଅଭିଯୋଗର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ସାମିଲ ହୋଇଥିବା ଅଭିଭାବକ।

**ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ**

### ଭାଗବତ ସପ୍ତାହ, ପାରାୟଣ କାର୍ଯ୍ୟକ୍ରମ

**ଚୌଦ୍ୱାର,୨୩।୭(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଓଟିଏମ୍ କଲୋନୀର ବାବା ବୈକୁଣ୍ଠନାଥ ଆଶ୍ରମରେ ଭାଗବତ ସପ୍ତାହ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟହ ସମୂହ ଭାଗବତ ପାଠ ଓ ସଂକୀର୍ତ୍ତନ, ସନ୍ଧ୍ୟାରେ ଅନ୍ତଃରାଷ୍ଟ୍ରୀୟ ପ୍ରବଚକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ବହୁ ସାଧୁସନ୍ଥ, ଜନସାଧାରଣ ଓ ଭଗବତ୍ ପ୍ରେମୀ ଯୋଗଦେଇଛନ୍ତି। ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ଚୌଦ୍ୱାରର ଉପଦେଷ୍ଟା ପ୍ରଭାତ ରଞ୍ଜନ ବିଶ୍ୱାଳ, ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସଂଯୋଜକ ସନ୍ତୋଷ କୁମାର ଧର, ସମ୍ପାଦକ ରାଜକିଶୋର ସାମନ୍ତ, ରାଜକିଶୋର ପ୍ରଧାନ, ବିଭୂତି ଦାସ, ଶରତ କୁମାର ଖୁଣ୍ଟିଆ, ଶୁଭେନ୍ଦୁ ସାମଲ, ନାରାୟଣ ସ୍ୱାଇଁ, ବିମଳ କୁମାର ବେଉରା, ଭାସ୍କର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ମୋ ଜଙ୍ଗଲ ଜମି ପ୍ରଶିକ୍ଷଣ ଶିବିର




ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**କଟକ,୨୩।୭ (କାର୍ତ୍ତିକ ସାହୁ)**

ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ମୋ ଜଙ୍ଗଲ ଜମି ଯୋଜନା ସମ୍ବନ୍ଧୀୟ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଆସନ୍ତା ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଜଙ୍ଗଲ ଅଧିକାର ସପ୍ତାହ ପାଳନ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲାର ସମସ୍ତ ତହସିଲଦାର, ଜଙ୍ଗଲ ଅଧିକାରୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ଓ ବ୍ଲକ ମଙ୍ଗଳ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ଦେବୀ କାର୍ଯ୍ୟକ୍ରମ ପରିଚାଳନା ଓ ଆଠଗଡ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ବର୍ଷାରେ ଷ୍ଟେଶନ ବଜାର ରାସ୍ତା ବିପର୍ଯ୍ୟସ୍ତ

**କଟକ,୨୩।୭ (କାର୍ତ୍ତିକ ସାହୁ)**

କଟକ ସହରରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ଧରି ମରାମତି କରାଯାଉ ନ ଥିବାରୁ ଅନେକ ସ୍ଥାନରେ ରାସ୍ତା ଖାଲଖମା ହୋଇଛି। ବିଶେଷକରି କଲେଜ ଛକଠାରୁ ଷ୍ଟେଶନ ବଜାର ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଜନଗହଳିପୂର୍ଣ୍ଣ ତଥା ଯାତାୟାତରେ ଗୁରୁତ୍ୱ ରଖୁଥିବା ଷ୍ଟେଶନ ବଜାର ରାସ୍ତାରେ ପିଚୁ କେବେଠାରୁ ଉଠିଯାଇ ଖାଲଖମାରେ ପରିଣତ ହୋଇଥିଲା। ଏବେ ସେହି ରାସ୍ତାରେ ବଡ଼ ବଡ଼ ଖାଲ ହୋଇ ବର୍ଷାଜଳ ଜମି ରହିଛି। ଫଳରେ ଗାଡି ଚାଳକ ଓ ପଥଚାରୀ ସେଥିରେ ପଡି ଆହତ ହେଉଛନ୍ତି। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯାତାୟାତରେ ଘୋର ଅସୁବିଧା ଭୋଗୁଛନ୍ତି। ସେହିପରି କଟକ ରେଳଷ୍ଟେଶନକୁ ଯାତ୍ରୀମାନେ ଯିବାଆସିବାରେ ମଧ୍ୟ ଅନୁରୂପ ଅବସ୍ଥା ଭୋଗ କରୁଛନ୍ତି। ତୁରନ୍ତ ଏହାର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



କଲେଜ ଛକ-ଷ୍ଟେଶନ ରୋଡ଼ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରହିଛି।

# 'ରାଷ୍ଟ୍ର ଗଠନରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**କଟକ,୨୩।୭ (କାର୍ତ୍ତିକ ସାହୁ)**

ଶ୍ରମିକଙ୍କୁ ନ୍ୟାୟ ଦେବା ଓ ଏକ ଶୋଷଣମୁକ୍ତ ଶ୍ରମିକ ସମାଜ ଗଠନ ଭାରତୀୟ ମଜଦୁର ସଂଘର ମୂଳ ଲକ୍ଷ୍ୟ। ରାଷ୍ଟ୍ର ଗଠନରେ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ଭାରତୀୟ ମଜଦୁର ସଂଘର ଅବଦାନ ଅତୁଳନୀୟ। ଏହି ଶ୍ରମିକ ସଙ୍ଗଠନ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସାଙ୍ଗକୁ ଏକ ଶୋଷଣମୁକ୍ତ ଶ୍ରମିକ ସମାଜ ଗଠନ ପାଇଁ ନିରବଚ୍ଛିନ୍ନ ଭାବରେ ଉଦ୍ୟମ ଜାରି ରଖିଛି। କଟକ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସରେ ଶ୍ରମିକ ନେତାମାନେ ଏହି ମତବ୍ୟକ୍ତ କରିଛନ୍ତି।

ସଂଘର କଟକ ଜିଲା ସଭାପତି ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସଂଘର ପୂର୍ବତନ ସଭାପତି ସରୋଜ କୁମାର ମିତ୍ର କହିଛନ୍ତି, ୧୯୫୫ ଜୁଲାଇ ୨୩ରେ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କ ଜନ୍ମ ଦିବସରେ ଭାରତୀୟ ମଜଦୁର ସଂଘ ସ୍ଥାପନ କରାଯାଇଥିଲା। ମୁଖ୍ୟବକ୍ତା ସଂଘର ପୂର୍ବତନ ସଭାପତି ଇଂ. ଶ୍ରୀକାନ୍ତ କୁମାର ବ୍ରହ୍ମା କହିଛନ୍ତି, ଦୀର୍ଘ ୭୦ ବର୍ଷ ହେବ ଏହି ଶ୍ରମିକ ସଙ୍ଗଠନ ନାନା ଘାତ ପ୍ରତିଘାତ ମଧ୍ୟରେ ଗତିକରି ଏବେ ସମଗ୍ର ଦେଶରେ ଏକ ସର୍ବବୃହତ ଶ୍ରମିକ ସଙ୍ଗଠନ ଭାବରେ ପ୍ରତିଷ୍ଠିତ ହୋଇପାରିଛି। ରାଜ୍ୟ କର୍ମକର୍ତ୍ତା ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଦେବୁ ଚାଟାର୍ଜୀ, ବରିଷ୍ଠ ଶ୍ରମିକ ନେତା ଶ୍ରୀକାନ୍ତ ବ୍ରହ୍ମାଙ୍କ ସମେତ ୨୧ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ରୀୟ ରେଡ୍‌କ୍ରସ୍ କେନ୍ଦ୍ରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରୁ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାରର ଡାକ୍ତର କନକଲତା ଦେଇ ଏବଂ ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଏମ୍‌ଏସ୍‌ର କଟକ ଜିଲା ଉପସଭାପତି ତଥା ବ୍ଲଡ ବ୍ୟାଙ୍କ ଏମ୍ପ୍ଲୟିଜ ୟୁନିୟନର ପୂର୍ବତନ ସାଧାରଣ ସମ୍ପାଦକ ରବିନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଡ୍‌କ୍ରସ୍ ରକ୍ତ ଭଣ୍ଡାର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ଉଦୟଭାନୁ, ଉପସଭାପତି ପ୍ରଦୀପ୍ତ ସେନାପତି, ସହ ସମ୍ପାଦକ ସଞ୍ଜୟ ପାତ୍ର, ଏ. ଶ୍ରୀନିବାସ ରାଓ, ସୌଦାମିନୀ ଦାସ, ଜ୍ୟୋତ୍ସ୍ନାରାଣୀ ସିଂ, ସବିତା ସାହୁ, ଅଶୋକ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ବିନୋଦ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।




ପାନ୍ଥନିବାସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ମୋ ପରିବାର ସଙ୍ଗଠନର ଗୁରୁପୂର୍ଣ୍ଣିମା

**ଜଟଣୀ,୨୩।୭(ରବୀନ୍ଦ୍ରନାଥ ମହାକୁଡ଼):** ମୋ ପରିବାର ସଙ୍ଗଠନ ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳସ୍ଥିତ ଶ୍ରୀହରି ବିହାରଠାରେ ଥିବା ଉଦ୍ୟାନ ପରିସରରେ 'ମୋ ପରିବାର'ର ପ୍ରତିଷ୍ଠାତା ସାମ୍ବାଦିକ ଶୁଭେନ୍ଦ୍ର ଶତପଥୀ ଯୋଗଦେଇ ଛୋଟ ପିଲାମାନଙ୍କୁ ଯୋଗ ଶିକ୍ଷା ଦେବା ସହିତ ନିଜକୁ କିପରି ଭଲ ମଣିଷକରି ଗଢ଼ି ତୋଳିବେ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁପୂଜନ ପୂର୍ବକ ପ୍ରତିଷ୍ଠାତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟା ଭାରତୀ ସିଂହ, ବୁବୁ ସ୍ୱାଇଁ, ମଧୁମିତା ପାଣି, ସସ୍ମିତା ମହାପାତ୍ର, ମନୋଜ କୁମାର ମହାରଣା, ରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### 'ଜନ୍ମମାଟି'ରେ ଗାଁ, କୃଷକର କାହାଣୀ

#### ନାଟକ ଉତ୍ସବର ତୃତୀୟ ସନ୍ଧ୍ୟା

**ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ):** ସହରର ଚାକଚକ୍ୟରେ ଆକର୍ଷିତ ହୋଇ ଗାଁର ଶିକ୍ଷିତ ଲୋକ ସହରକୁ ଚାଲିଯାଆନ୍ତି। ତାଙ୍କ ପଛେ ପଛେ ଅପାଠୁଆମାନେ ମଧ ଗାଁ ଛାଡ଼ି ସହରକୁ ଯାଇ ମଜୁରି ଲାଗନ୍ତି। ଗାଁରେ ରହିଯାଆନ୍ତି କିଛି ଅର୍ଦ୍ଧଶିକ୍ଷିତ, ବୟସ୍କ ଓ ଛୋଟ ପିଲା। କଠିନ ପରିଶ୍ରମ କରି ଏଠି କୃଷକ ଟିକେ ଉନ୍ନତି କଲେ, ସେହି ଅର୍ଦ୍ଧଶିକ୍ଷିତମାନେ ଈର୍ଷାରେ ଜଳି ଯାଆନ୍ତି। ଏମିତିକି କୃଷକର ସର୍ବନାଶ କରିବା ପାଇଁ ପଛାନ୍ତି ନାହିଁ। ଅନ୍ୟପଟେ ବନ୍ୟା, ବାତ୍ୟା, ଅନାବୃଷ୍ଟିରେ ଶ୍ରୀହିନ ହୋଇ ଉଠେ ଜନ୍ମମାଟି। ଜନ୍ମମାଟିର କରୁଣ ଚିତ୍କାର ଗାଁରେ ରହୁଥିବା କୃଷକର ହୃଦୟକୁ ସିନା ବିଦାରି ଦିଏ, ହେଲେ, ଗାଁକୁ ଛାଡି ସହରରେ ରହୁଥିବା ମଣିଷଙ୍କ ଉପରେ ସାମାନ୍ୟତମ ପ୍ରଭାବ ପକାଏ ନାହିଁ। ସତରେ କ'ଣ ଜନ୍ମମାଟି ସବୁଦିନ ପାଇଁ ଶ୍ରୀହୀନ ହୋଇଯିବ। ଗାଁକୁ ଛାଡ଼ି ଯାଇଥିବା ତା'ର ପୁଅମାନେ ଗାଁକୁ ଫେରି ତାକୁ ଆଉଥରେ ସମ୍ପୂର୍ଣ୍ଣ ଶସ୍ୟଶ୍ୟାମଳା କରିବେ ନାହିଁ। ଏଭଳି ଏକ ଆବେଗଭରା କାହାଣୀକୁ ନେଇ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ଜନ୍ମମାଟି'। ଓଡ଼ିଆ ନାଟ୍ୟ ଜଗତର ପ୍ରବାଦ ପୁରୁଷ, ନାଟ୍ୟକାର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଛି ୫ ଦିନିଆ ନାଟକ ଉତ୍ସବ। ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଜନ୍ମମାଟି' ଦର୍ଶକଙ୍କୁ କିଛି ସମୟ ଗାଁ ସମ୍ପର୍କରେ ଚିନ୍ତା କରିବାକୁ ବାଧ କରିଥିଲା। ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନାରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ'ର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ବିଜୟ ପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ମୁରଲୀଧର ଦାଶ, ପ୍ରଳୟ ଶତପଥୀ, ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ ପ୍ରମୁଖ ଅଭିନୟ କରିଥିଲାବେଳେ ମୁରଲୀଧର ଦାଶ ଓ ସୁରେନ୍ଦ୍ର ପାଢ଼ୀ ସହ ନିର୍ଦ୍ଦେଶନା ଦେଇଛନ୍ତି। ଅତିଥିଭାବେ ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ଦାସ ଓ ରାଜୀବ ପାଣି ଯୋଗଦେଇଥିଲେ। ପ୍ରବୋଧ ରଥ ପରିଚାଳନା କରିଥିଲେ।

# ଅବ୍ୟବସ୍ଥା ଘେରରେ ପ୍ରାଣୀ ଚିକିତ୍ସାଳୟ

**ବେଗୁନିଆ,୨୩।୭(ସନ୍ଧ୍ୟାରାଣୀ ମିଶ୍ର)**



**ବେଗୁନିଆ ବ୍ଲକ**
- କର୍ମଚାରୀଙ୍କ ଅଭାବ, ସେବା ବିପର୍ଯ୍ୟସ୍ତ
- ସିଡିଭିଓଙ୍କ ସହ ଆଲୋଚନା କଲେ ବିଧାୟକ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ୫୬ବର୍ଷର ପ୍ରାଣୀ ଚିକିତ୍ସାଳୟଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ପ୍ରାଣୀସେବା ବିପର୍ଯ୍ୟସ୍ତ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି କାର୍ଯ୍ୟାଳୟ ନାମରେ ଥିବା ଜାଗାର ପଟ୍ଟା ନିଜସ୍ୱ ନାମରେ ହୋଇନାହିଁ। ସେହିପରି ଉକ୍ତ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀଙ୍କ ଅଭାବ ଏବଂ ବିଭିନ୍ନ ସମସ୍ୟା ଯୋଗୁ ପ୍ରାଣୀସେବା ବାଧାପ୍ରାପ୍ତ ହେଉଛି। ଏନେଇ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ ସହ ଆଲୋଚନା କରିବା ସହ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବେଗୁନିଆ ପ୍ରାଣୀ ଚିକିତ୍ସାଳୟରେ ଭ୍ରାମ୍ୟମାଣ ଡାକ୍ତର, ଜଣେ ଅତିରିକ୍ତ ଡାକ୍ତର, ପଶୁପକ୍ଷୀ ସୁରକ୍ଷା ପାଇଁ ଜଣେ ଡାକ୍ତର ଏବଂ ଜଣେ ବିଭିଓ ରହିବା ପାଇଁ ଥିବାବେଳେ ଏହି ବ୍ଲକ ଅନ୍ତର୍ଗତ ସିକୋ ପ୍ରାଣୀ ଚିକିତ୍ସାଳୟରେ ଜଣେ ଡାକ୍ତର ରହିବା ପାଇଁ ଥିବାବେଳେ ଦୀର୍ଘ ବର୍ଷ ହେବ ସେଠାରେ ଡାକ୍ତର ପଦବୀ ଖାଲିପଡ଼ିଛି। ଡାକ୍ତର ସିକୋ ଏବଂ ବେଗୁନିଆରେ ନିଯୁକ୍ତି ପାଇ ଭୁବନେଶ୍ୱର ଡେପୁଟେସନରେ ଯାଇ କାର୍ଯ୍ୟ କରୁଛନ୍ତି। ବେଗୁନିଆ ପ୍ରାଣୀ ଚିକିତ୍ସାଳୟ ସହିତ ସିକୋକୁ ମିଶାଇ ୫ଜଣ ଡାକ୍ତର ରହିବା ପାଇଁ ଥିବାବେଳେ ଏଠାରେ ୪ଜଣ ଡାକ୍ତର ନ ଥିବାରୁ ବେଗୁନିଆ ଭ୍ରାମ୍ୟମାଣ ଗାଡିରେ ନିଯୁକ୍ତି ପାଇଥିବା ଡା. ବନ୍ଦିତା ବେହେରା ତାଙ୍କ ଦାୟିତ୍ୱ ସହିତ ଅନ୍ୟ ୪ଟି ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି। ସିକୋରେ ନିଯୁକ୍ତି ପାଇଥିବା ଡାକ୍ତର ଏବଂ ବେଗୁନିଆରେ ନିଯୁକ୍ତି ପାଇଥିବା ବିଭିଓ ଯୋଗ ନ ଦେଇ ଭୁବନେଶ୍ୱରସ୍ଥିତ ଶିରିପୁରଠାରେ ଥିବା ଓଏଲ୍ଆରଡିଏସ୍‌କୁ ଡେପୁଟେଶନରେ ଯାଇ ବେଗୁନିଆରୁ ଦରମା ପାଉଛନ୍ତି। ସେହିପରି ଅନ୍ୟ ଜଣେ ଅତିରିକ୍ତ ଡାକ୍ତର ଏଠାରେ ଯୋଗଦେଇ ଅଧିକ ପାଠ ପଢ଼ିବା ପାଇଁ ଯାଇଥିବାରୁ ତାଙ୍କ ପଦବୀଟି ଖାଲି ପଡ଼ିଛି। ଫଳରେ ଜଣେ ଡାକ୍ତର ୫ ଜଣଙ୍କର କାର୍ଯ୍ୟ କରିବାକୁ ହଇରାଣ ହେଉଛନ୍ତି। ମୁଖ୍ୟ ଦପ୍ତରରେ ଥିବା ଚିକିତ୍ସାଳୟରେ ନ ରହିଲେ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଗାଡି ନ ଥିବା ଯୋଗୁ ବ୍ଲକର ୨୧ଟି ପଞ୍ଚାୟତରେ ସ୍କିମ ଏବଂ ଇନ୍ସୁରାନ୍ସ କାର୍ଯ୍ୟ କରିବାରେ ଅସୁବିଧା ସୃଷ୍ଟି ହେଉଛି। ଭ୍ରାମ୍ୟମାଣ ୟୁନିଟ୍ ପାଇଁ ସରକାର ଯୋଗାଇ ଦେଇଥିବା ଗାଡିଟି ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ଲାଗିଥିବାରୁ ସେହି ଗାଡ଼ିରେ ଅନ୍ୟ ସମସ୍ତ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। କାର୍ଯ୍ୟାଳୟର ପାଚେରି ଏବଂ ଗେଟ୍ ନ ଥିବାରୁ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟୁଛି। କାର୍ଯ୍ୟାଳୟ ପରିସରରେ ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟରରେ କେହି ରହୁ ନ ଥିବାରୁ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଉକ୍ତ କାର୍ଯ୍ୟାଳୟର ୧ ଏକର ୩୯୦ ଡିସିମିଲ ଜାଗା ଥିବାବେଳେ ପାଚେରି ନ ଥିବା ଯୋଗୁ ବାହାର ଲୋକେ କାର୍ଯ୍ୟାଳୟ ଜାଗାକୁ ମାଡିବସି ସଙ୍କୁଚିତ କରିସାରିଲେଣି। ଡା. ବେହେରା ତହସିଲଦାରଙ୍କୁ ଡିମାରକେସନ ପାଇଁ ଲେଖିଥିବା ବେଳେ କାର୍ଯ୍ୟାଳୟର ଜାଗା ସୁରକ୍ଷିତ ରଖିବା ପାଇଁ ପୋଲିସର ସହାୟତା ନେଇଥିଲେ। କିନ୍ତୁ ଏହି ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଏଠାରେ ରାତ୍ର ଜଗୁଆଳ ଏବଂ ଚୌକିଦାର ପଦବୀ ଖାଲି ପଡ଼ିଛି। ଉକ୍ତ କାର୍ଯ୍ୟାଳୟ ଅଧୀନରେ ବାଘମାରୀ, କଣ୍ଟାବାଡ଼, ଗୁଡୁମ, ପୋଡାଡିହ, ନିଧିପୁର, ଡିଙ୍ଗର, ପରିଛଲ ଏବଂ ଡାଳତୋଳା ଆଦି ସ୍ଥାନରେ ୮ଟି ଏଲ୍ଆଇ ସେଣ୍ଟର ଥିବାବେଳେ ଗୁଡୁମ, ପରିଛଳ ଏବଂ ନିଧିପୁରରେ ଏଲ୍ଆଇ ନାହାନ୍ତି। କଣ୍ଟାବାଡ଼ ଏଲ୍ଆଇ ସେଣ୍ଟରରେ ବିଦ୍ୟୁତ୍, ପାନୀୟଜଳ ଏବଂ ପାଚେରି ସୁବିଧା ନାହିଁ। ଏଲ୍ଆଇ ସେଣ୍ଟରଗୁଡ଼ିକରେ ୮ଜଣ ଆଟେଣ୍ଡାଣ୍ଟ ରହିବା ପାଇଁ ଥିବାବେଳେ କଣ୍ଟାବାଡ଼, ନିଧିପୁର, ପରିଛଳ, ବାଘମାରୀ ଏବଂ ବେଗୁନିଆରେ ଆଟେଣ୍ଡାଣ୍ଟ ନାହାନ୍ତି। ପୋଡାଡିହ ଆଟେଣ୍ଡାଣ୍ଟ ବେଗୁନିଆ କାର୍ଯ୍ୟାଳୟର ନିରାପତ୍ତା ଦୃଷ୍ଟିରୁ ବେଗୁନିଆ କାର୍ଯ୍ୟାଳୟରେ ରାତ୍ର ଜଗୁଆଳ କାର୍ଯ୍ୟ କରୁଛନ୍ତି। ବେଗୁନିଆ ପ୍ରାଣୀ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସିଡିଭିଓ ଡା. ଦେବୀଦତ୍ତ ମାଝୀ କହିଛନ୍ତି, ସମ୍ପୃକ୍ତ କାର୍ଯ୍ୟାଳୟର ରେକର୍ଡ ତହସିଲ ଅଫିସରୁ ଗାଏବ ହୋଇଯାଇଥିବା ବେଳେ ପ୍ରାଣୀ ଚିକିତ୍ସାଳୟରେ ଥିବା ରେକର୍ଡ ତହସିଲଦାରଙ୍କୁ ଦେବା ପରେ ଜାଗାର ଡିମାରକେଶନ ହୋଇଯାଇଛି। ଆଲିନେଶନ ପାଇଁ ତହସିଲଦାରଙ୍କୁ ଆବେଦନ କରିଛୁ। ସେ ଉପଜିଲାପାଳଙ୍କ ନିକଟକୁ ପଠାଇବେ। ସେଠାରେ ଫାଇନାଲ ହେବ। ଡେପୁଟେଶନରେ ଯାଇଥିବା ଡାକ୍ତରଙ୍କୁ ଫେରାଇବା ପାଇଁ ୩ଥର ଉପରିସ୍ଥ ଅଧିକାରୀଙ୍କୁ ଚିଠି କରାଯାଇଛି। ଏଲ୍ଆଇମାନେ ଟ୍ରେନିଂରେ ଅଛନ୍ତି, ଫେରିଲେ ବେଗୁନିଆ ପଠାଯିବ। ଏଥିସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଶଟର ତାଡ଼ି ନେଇଗଲେ ୨.୫ ଲକ୍ଷ ଟଙ୍କା

**କଟକ,୨୩।୭ (କାର୍ତ୍ତିକ ସାହୁ)**

କଟକ ଜିଲା ମଧୁପାଟଣା ଥାନା ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନର ଲୁହା ଶଟର ତାଡି ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଦୋକାନରୁ ୨.୫ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଦୋକାନ ମାଲିକ ଦେବେନ୍ଦ୍ର କୁମାର ସାହୁ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୨/୨୪) ରୁଜୁ କରିଛି। ଏଥିସହ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଚୋରି ବେଳର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ପୋଲିସ ଉକ୍ତ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ସେଥିରୁ ଅନେକ କିଛି ପ୍ରମାଣ ମିଳିଛି, ଯାହା ତଦନ୍ତରେ ସହାୟକ ହେବ ବୋଲି ପୋଲିସ ଆଶାବାଦୀ ରହିଛି। ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ୪ ଜଣ ଦୁର୍ବୃତ୍ତ ଉକ୍ତ ଦୋକାନ ନିକଟରେ ପହଞ୍ଚି ଶଟରରେ ପଡିଥିବା ତାଲା ତାଡ଼ି ଦେଇଥିଲେ। କ୍ୟାଶ୍ ଥିବା ଡ୍ରୟାରକୁ ତାଡ଼ି ତାଲା ଭାଙ୍ଗି ଦେଇଥିଲେ। ପରେ ଡ୍ରୟାର ଭିତରୁ କେତେକ ଟଙ୍କାବିଡ଼ା ବାହାର କରି କ୍ୟାଶ କାଉଣ୍ଟର ଟେବୁଲରେ ରଖିଥିଲେ। ସେଠାରେ ଥିବା ଏକ କ୍ୟାରି ବ୍ୟାଗ୍‌ରେ ଟଙ୍କା ବିଡ଼ାଗୁଡ଼ିକୁ ଭର୍ତ୍ତି କରିଥିଲେ। ସେଠାରୁ ଦୋକାନର ଅନ୍ୟ ଜାଗାକୁ ଯାଇ ଖୋଜାଖୋଜି କରୁଥିବା ଶବ୍ଦରୁ ଜଣାପଡିଛି। ମାତ୍ର ଦୋକାନ ମଧ୍ୟରୁ ଅନ୍ୟ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ପ୍ରତିଭା ପ୍ରଦର୍ଶନର ପ୍ରକୃଷ୍ଟ ମାଧ୍ୟମ ପ୍ରତିଯୋଗିତା



**ବୋଲଗଡ଼,୨୩।୭(ଦେବବ୍ରତ ହୋତା)**

ଶିକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଦୀପ୍ତିରଞ୍ଜନ ଦାସ ଏବଂ ବିଶ୍ୱଜିତ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ବିଭାଗରେ ଷଷ୍ଠରୁ ଦଶମ ଶ୍ରେଣୀ ଏବଂ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ଏବଂ ସୌଦାମିନୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ କନିଷ୍ଠ ବିଭାଗରେ ତୃତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉକ୍ତ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ଏବଂ ଶିକ୍ଷକ ଅଂଶୁମାନ ଧଳ ବରିଷ୍ଠ ବିଭାଗରେ, ଶିକ୍ଷକ ବିଚିତ୍ର କୁମାର ଘଡ଼େଇ ଏବଂ ଶିକ୍ଷୟିତ୍ରୀ ନମିତା ସାହୁ କନିଷ୍ଠ ବିଭାଗରେ ବିଚାରକଭାବେ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଶିବ ପ୍ରଧାନ, ସ୍ନେହଲତା ପାଇକରାୟ ଓ ସସ୍ମିତ କେଦାର କର ସହଯୋଗ କରିଥିଲେ। କନିଷ୍ଠ ବିଭାଗରେ ଠେକୁଆ କଇଁଛ ଚିତ୍ରାଙ୍କନରେ ଆଶା ପ୍ରଧାନ, କାଉ ମାଠିଆ ଚିତ୍ରାଙ୍କନରେ ଜାଗୃତିପ୍ରଭା ସାହୁ, ଇଂଲିଶ ଅକ୍ଷରମାଳାକୁ ନେଇ ଗଠିତ ଶବ୍ଦ ସହ ସମ୍ପୃକ୍ତ ଚିତ୍ରରେ କ୍ଷୀରାବ୍ଧି ତନୟା ପ୍ରଧାନ ସେହିପରି ଘଣ୍ଟା, ଯନ୍ତ୍ରବାକ୍ସର ଉପକରଣ ଚିତ୍ର ସହ ବୃକ୍ଷର ଚିତ୍ରରେ ବିଭିନ୍ନ ଅଂଶର ନାମକରଣରେ ହିମାଂଶୁ ଶେଖର ସାହୁ, ମନୁଷ୍ୟର ଚିତ୍ରରେ ବିଭିନ୍ନ ଅଙ୍ଗର ନାମକରଣ ରେ କ୍ଷୀରାବ୍ଧି ତନୟା ପ୍ରଧାନ, ଋତୁମାନଙ୍କ ନାମ ଓ ଇଂଲିଶ ବଡ଼ ଓ ସାନ ବର୍ଣ୍ଣ ଲିଖନରେ ସୁଭଦ୍ରା ଶୁଭଦର୍ଶିନୀ, ସାତ ବାରର ନାମ ଲିଖନରେ ଆଦିତ୍ୟ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ ଠେକୁଆ ଓ କଇଁଛ, କାଉ ଓ ମାଠିଆ ଏବଂ ଘଣ୍ଟା ଚିତ୍ରାଙ୍କନରେ ବିଷ୍ଣୁ ପ୍ରସାଦ ସାଥୁଆ, ଜ୍ୟାମିତି ଉପକରଣ ଚିତ୍ରରେ ସ୍ମୃତିସ୍ମିତା ମହାନ୍ତି, ବୃକ୍ଷର ଚିତ୍ର ଓ ବିଭିନ୍ନ ଅଂଶର ନାମକରଣରେ ଆରାଧ୍ୟା ଦାସ, ଇଂଲିଶ ଶବ୍ଦଗୁଡ଼ିକ ସହ ସମ୍ପୃକ୍ତ ଚିତ୍ରାଙ୍କନରେ ରେଖା ମେହେଣା, ମାନବ ଶରୀରର ଚିତ୍ରାଙ୍କନ ଓ ବିଭିନ୍ନ ଅଂଶର ନାମକରଣରେ ରାକେଶ କୁମାର ସାହୁ, ଜାତୀୟ ସଂକେତ ସହ ସମ୍ପୃକ୍ତ ଚିତ୍ରାଙ୍କନରେ ଲିଜା ଚୌଧୁରୀ, ପିତା ମାତାଙ୍କୁ ସନ୍ତାନର ପ୍ରଣାମ ଚିତ୍ରାଙ୍କନରେ ଓ ଗୁରୁଙ୍କୁ ଶିଷ୍ୟର ପ୍ରଣାମ ଚିତ୍ରରେ ଲିଜାଲିନ ସ୍ୱାଇଁ, ସମସ୍ତ ଋତୁ ଓ ମାସମାନଙ୍କର ନାମଲିଖନରେ ଆଲିଶା ପ୍ରିୟଦର୍ଶିନୀ ସାହୁ, ବୃକ୍ଷର ଶାଖାଚିତ୍ରରେ ବଡ଼ ଓ ସାନ ଇଂଲିଶ ଅକ୍ଷର ଏବଂ ସମସ୍ତ ଫଳା ଓ ମାତ୍ରା ବ୍ୟବହାରରେ ଶବ୍ଦଲିଖନରେ ଆର୍ଯ୍ୟରୂପା ବେହେରା, ଇଂଲିଶ ବଡ଼ ଓ ସାନ ଅକ୍ଷର ଲିଖନରେ ଶୁଭଶ୍ରୀ ପ୍ରିୟଦର୍ଶିନୀ, ସପ୍ତାହର ବାର ଲିଖନରେ ସସ୍ମିତା ସାହୁ, ରୋମାନ ସଂଖ୍ୟା ଲିଖନରେ ରୋଜାଲିନ ଓଝା ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ବିଜେବି ହାଇସ୍କୁଲ ଛାତ୍ରଙ୍କ ସଫଳତା

**ଖୋର୍ଦ୍ଧା,୨୩।୭(ପ୍ରଭାତ ପାଣିଗ୍ରାହୀ)**

୨୦୨୩ ଅଗଷ୍ଟ ୨୩ରେ ଚନ୍ଦ୍ରାୟନ-୩ ସଫଳ ଅବତରଣ କରିଥିଲା। ଏହି ଦିବସର ସ୍ମୃତି ସ୍ୱରୂପ ଅରଗୁଳସ୍ଥିତ ଆଇଆଇଟି ପକ୍ଷରୁ ଦୁଇଦିନିଆ ମହାକାଶ ଦିବସ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୬ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୈଜ୍ଞାନିକମାନଙ୍କଠାରୁ ମହାକାଶ ଗବେଷଣା ଉପରେ ଭାରତ ଭୂମିକା ସମ୍ପର୍କରେ ଜ୍ଞାନ ଆରୋହଣ କରିଥିଲେ ଛାତ୍ରୀଛାତ୍ର। ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ଛାତ୍ର ସିଦ୍ଧିଶେଖର ଛୋଟରାୟ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି। ଇସ୍ରୋ ଜେନେରାଲ ମ୍ୟାନେଜର ଜେ. ଦାମୋଦରମ୍, ବୈଜ୍ଞାନିକ ଅମିତାଭ ମହାନ୍ତି, ଆଇଆଇଟି କୁଳସଚିବ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ। ସିଦ୍ଧିଶେଖର ଅତିଥିଙ୍କଠାରୁ ମାନପତ୍ର, ଟ୍ରଫି ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେବି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି, ଶିକ୍ଷକ ଚନ୍ଦ୍ରକାନ୍ତ ଦାସ ଗାଇଡ୍ ଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସିଦ୍ଧିଶେଖରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପରୋପକାରର ମାନସିକତା ସୃଷ୍ଟିରେ ସହାୟକ ହୁଏ ରେଡ୍‌କ୍ରସ୍




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୨୩।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିୟର ରେଡକ୍ରସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବେଗୁନିଆ ଏବଂ ବୋଲଗଡ଼ ବ୍ଲକ ଉଚ୍ଚ ବିଦ୍ୟାଳୟର ୫୦ଜଣ ଜେଆରସି କାଉନ୍‌ସିଲରମାନେ ଯୋଗଦେଇ ଜୁନିୟର ରେଡକ୍ରସ କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ। ପୂର୍ବତନ ରେଡକ୍ରସ ଅଫିସର ଉପେନ୍ଦ୍ର ଦାଶ, ୟୁଥ୍ ରେଡକ୍ରସର ରାଜ୍ୟ ସଂଯୋଜକ ଭାସ୍କର ସିଂହ, ଜିଲା ରେଡକ୍ରସ ଅଫିସର ତୋଫାନ ରାଉତରାୟ ଏବଂ ଭାରତୀୟ ରେଡକ୍ରସର କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଜୁନିୟର ରେଡକ୍ରସ ସମ୍ବନ୍ଧରେ ପ୍ରଶିକ୍ଷଣ ଦେବାପାଇଁ ଗୁରୁତ୍ୱ ଦିଆଯାଉ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳିତ ଜୀବନଯାପନ ପ୍ରଣାଳୀ ଏବଂ ପରୋପକାରର ମାନସିକତା ସୃଷ୍ଟିରେ ଜେଆରସି ବେଶ ସହାୟକ ହୋଇଥାଏ ବୋଲି ଅତିଥି ଲେଙ୍କା ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟା ଆରୋହଣ କରିବା ସହ ଜୀବନର ପ୍ରତିଟି ମୁହୂର୍ତ୍ତରେ ଜେଆରସିକୁ ଉପଯୋଗ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଜେଆରସି କାଉନ୍‌ସିଲର ସୁରଜିତ ଦଳେଇ ଏବଂ ଏନ୍‌ସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେଙ୍ଗୁ ସଂକ୍ରମଣ ରୋକିବ ସଚେତନତା

**ବୋଲଗଡ଼,୨୩।୭(ଦେବବ୍ରତ ହୋତା)**

ଓଡ଼ିଶାରେ ଚିହ୍ନଟ ହୋଇଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରେ ସର୍ବାଧିକ ଖୋର୍ଦ୍ଧା ଜିଲାରେ ରହିଛନ୍ତି। ଡେଙ୍ଗୁ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଚିକିତ୍ସା ଓ ସଚେତନତାକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟଗୁଡିକରେ ପିଲାମାନଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନ କରିବା ପାଇଁ କୁହାଯାଇଛି। ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅନୁରୋଧକ୍ରମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଓ ସହକର୍ମୀଙ୍କ ଦ୍ୱାରା ଉକ୍ତ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶ୍ରୋତାଲିନି ସାହୁଙ୍କ ତତ୍ତ୍ୱାବଧାନ, ପ୍ରଧାନଶିକ୍ଷକ ସ୍ୱାଇଁଙ୍କ ପୌରୋହିତ୍ୟ ଏବଂ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକଙ୍କ ସଂଯୋଜନାରେ ପରିଚାଳିତ ଉକ୍ତ ସଚେତନତା ଶିବିରରେ ଡା. ରବୀନ୍ଦ୍ର କୁମାର ବେହେରା, ଡା. ମିତ୍ ମୃଣାଳିନୀ, ଫାର୍ମାସିଷ୍ଟ ସସ୍ମିତା ପରିଡ଼ା, ଷ୍ଟାଫନର୍ସ ଅବନ୍ତି ପଟ୍ଟନାୟକ ଯୋଗଦେଇ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଘରର ଚତୁଃପାର୍ଶ୍ୱ ସଫା ରଖିବା, ଶରୀର ଏବଂ ପୋଷାକ ପରିଷ୍କାର ରଖିବା, ଗରମ ଖାଦ୍ୟ ଖାଇବା, ମଶାରି ବାନ୍ଧି ଶୋଇବା, ଉକ୍ତ ରୋଗର ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସିତ ହେବାକୁ ମତବ୍ୟକ୍ତ କରିଥିଲେ। ଡା. ବେହେରା କହିଥିଲେ, ଡେଙ୍ଗୁ ଜ୍ୱର ପାଇଁ ସ୍ୱତନ୍ତ୍ର ଔଷଧ ମିଳେ ନାହିଁ। ଏହାର ଲକ୍ଷଣ ଅନୁସାରେ ଡାକ୍ତର ଔଷଧ ସେବନ କରିବାକୁ ପରାମର୍ଶ ଦିଅନ୍ତି। ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୂର୍ବରୁ ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରୀ ଠିକ୍ ଭାବେ ଉଚ୍ଚାରଣ ନ କରିପାରୁଥିବାରୁ ଉପରୋକ୍ତ ଚିକିତ୍ସା ଅଧିକାରୀମାନଙ୍କ ସହାୟତାରେ ଖୋର୍ଦ୍ଧା ମେଡିକାଲରେ ଡାକ୍ତରଙ୍କ ଦ୍ୱାରା ଜିଭର ମାଗଣା ଅସ୍ତ୍ରୋପଚାର କରାଯାଇଥିଲା। ପରେ ଛାତ୍ରୀଜଣଙ୍କ ସ୍ୱଷ୍ଟ ଭାବେ କଥାବାର୍ତ୍ତା କରିବାକୁ ସକ୍ଷମ ହୋଇଥିଲେ। ତେଣୁ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।




ସଚେତନତା କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

# ପରିବେଶ ସଂରକ୍ଷଣରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି

**ଖୋର୍ଦ୍ଧା,୨୩।୭(ପ୍ରଭାତ ପାଣିଗ୍ରାହୀ)**




ପର୍ଯ୍ୟାବରଣ ସଂରକ୍ଷଣରେ ଯୁବ ସମାଜର ଭୂମିକା ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

**'ପର୍ଯ୍ୟାବରଣ ସଂରକ୍ଷଣରେ ଯୁବ ସମାଜର ଭୂମିକା' ଆଲୋଚନାଚକ୍ର**

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ଏବଂ କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ମିଳିତ ଆନୁକୂଲ୍ୟରେ 'ପର୍ଯ୍ୟାବରଣ ସଂରକ୍ଷଣରେ ଯୁବ ସମାଜର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଭୁବନେଶ୍ୱର ପଟିଆସ୍ଥିତ କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ପୁଷ୍ପାର୍ଘ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସହ କ୍ଷେତ୍ରୀୟ ମହିଳା ବାଲ୍ ବିକାଶ ସଂଯୋଜିକା ସୁପ୍ରୀତି ରଥ ସମୂହ ବନ୍ଦେ ମାତରଂ ଗାନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଓଡ଼ିଶା ପୂର୍ବପ୍ରାନ୍ତ ଅଧ୍ୟକ୍ଷ ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଭାରତ ବିକାଶ ପରିଷଦର ସ୍ଥାପନା ଏବଂ ଏହାର ଲକ୍ଷ୍ୟ, ଆଦର୍ଶ, ଉପଲବ୍ଧି ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଯୋଗଦେଇ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଯୁବସମାଜ ଆଗଭର ହୋଇ ଅଧିକରୁ ଅଧିକ ଚାରାରୋପଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ପ୍ରଭାତ ରଞ୍ଜନ ମଲ୍ଲିକ, ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଭାରତ ସରକାରଙ୍କ ପୂର୍ବତନ କେନ୍ଦ୍ର ବୟନ ସଚିବ ସଞ୍ଜୟ ପଣ୍ଡା, ଭାରତ ସରକାରଙ୍କ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପୂର୍ବତନ ମହାନିର୍ଦ୍ଦେଶକ ଜଙ୍ଗଲ ସିଦ୍ଧାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ପରିବେଶର ସଂରକ୍ଷଣ ଏବଂ ସମୃଦ୍ଧୀକରଣ ପାଇଁ ବ୍ୟାପକ ଚାରାରୋପଣର ଆଶ୍ୟକତା ରହିଛି। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଯୁବକମାନଙ୍କ ଭୂମିକା ଉପରେ ସମସ୍ତ ଅତିଥି ଗୁରୁତ୍ୱାରୋପ କରିଥିଲେ। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୌସ୍ତୁଭ ଗ୍ରୁପର ଅଧ୍ୟକ୍ଷ ସଦାଶିବ ଦାଶଙ୍କ ସମେତ ଓଡ଼ିଶା ପୂର୍ବପ୍ରାନ୍ତର ଅର୍ଥ ସଚିବ ନରସିଂହ ମିଶ୍ର, ପ୍ରାନ୍ତ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ପର୍ଯ୍ୟାବରଣ ଉପାଧ୍ୟକ୍ଷ ବାବୁ ଚାନ୍ଦ ମହାଲିକ, ପ୍ରାନ୍ତ ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ, ପ୍ରାନ୍ତ ସଙ୍ଗଠନ ସଚିବ ରାମ ଚନ୍ଦ୍ର ଦଳେଇ, ବ୍ରଜଗୋପାଳ ରାୟ, ମୃତ୍ୟୁଞ୍ଜୟ ମହାନ୍ତି, ସଂଯୁକ୍ତା ମିଶ୍ର, ମୃତ୍ୟୁଞ୍ଜୟ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାରତ ବିକାଶ ପରିଷଦ କଳିଙ୍ଗ ଶାଖାର ସଚିବ ନୃସିଂହ ନାଥ ନନ୍ଦ ଧନ୍ୟବାଦ ଦେଇଥିଲେ।

